## ସଂକ୍ଷେପରେ

### ସାପ କାମୁଡାରେ ଛାତ୍ରଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୧୫।୯(ସ୍ୱ.ପ୍ର.):** ଶୁକ୍ରବାର ରାତିରେ ସାପ କାମୁଡାରେ ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ପଞ୍ଚାୟତ ଆଗଡିଆ ଗ୍ରାମର ଶୁଭେନ୍ଦୁ ମଲିକ (୧୨)ଙ୍କ ମୃତ୍ୟୁ ଘଟିଛି । ସେ ଆଗଡିଆର ଦୀପକ ମଲିକଙ୍କ ପୁଅ । ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ଶୁଭେନ୍ଦୁଙ୍କୁ କାମୁଡି ଦେଇଥିଲା । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁଭେନ୍ଦୁ ବାଲିପାଟଣା ନୋଡାଲ ୟୁପି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିଲେ ।

### ଗାନ୍ଧୀ ବିଚାରର ବ୍ୟାପକ ପ୍ରଚାର ପାଇଁ ପ୍ରସ୍ତୁତି

**କେନ୍ଦ୍ରାପଡା ଅଫିସ, ୧୫।୯:** ଚଳିତ ଅକ୍ଟୋବର ୨ ତାରିଖରେ ଭାରତର ମହାନ ଜନନାୟକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳନ ହେବ। ଏହି ଉପଲକ୍ଷେ ଗାନ୍ଧୀ ସ୍ମାରକୀ ନିଧି ପକ୍ଷରୁ ସହରର ଖଡିଅଙ୍ଗସ୍ଥିତ ଜିଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଭଜକୃଷ୍ଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗାନ୍ଧୀ ବିଚାରର ବ୍ୟାପକ ପ୍ରସାର ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ସଂଗଠନର ସର୍ବଭାରତୀୟ ଆବାହକ ଡା.ବିଶ୍ୱଜିତ ରାୟ, ରାଜ୍ୟ ଆବାହକ ମିହିର ପ୍ରତାପ ଦାସ ସଂଗଠନ ପକ୍ଷରୁ ବର୍ଷେ ବ୍ୟାପି ହେବାକୁ ଥିବା ରଚନାତ୍ମକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସ, ଯାଜପୁର ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନୀଳମଣି ସାମଲ, ଶିକ୍ଷାବିତ୍ ଅଜୟ କୁମାର ସାମଲ, ବିଜୟ କୁମାର ତ୍ରିପାଠୀ, ପ୍ରଦୀପ କୁମାର ଦାଶ ପ୍ରମୁଖ ଗାନ୍ଧୀ ବିଚାର ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଶିକ୍ଷାବିତ୍ ବିପିନ ବିହାରୀ ବାରିକ, ଆଇନଜୀବୀ ସଞ୍ଜୟ କୁମାର ଜେନା, ମରୁତ କୁମାର ସ୍ୱାଇଁ, ଅନିରୁଦ୍ଧ ସାମନ୍ତରାୟ, ଧୀରେନ୍ଦ୍ର କୁମାର ଦାସ, ଜ୍ଞାନେନ୍ଦ୍ର ପ୍ରଧାନ, ସନାତନ ବେହେରା ପ୍ରମୁଖ ନିଜର ମତ ପ୍ରକାଶ କରିଥିଲେ ।

### ନିଶାମୁକ୍ତ ଅଭିଯାନ ସଚେତନତା ସଭା



**ରାଜନଗର, ୧୫।୯(ଡି.ଏନ୍.ଏ.):** ମିଳିତ ଓଡିଶା ନିଶାମୁକ୍ତ ଅଭିଯାନ ଆନୁକୂଲ୍ୟରେ ଶନିବାର ରାଜନଗର ବ୍ଲକ ମା' ମାଟିଆ ମଙ୍ଗଳା ପୀଠରେ ନିଶାମୁକ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ସଭାରେ ରାଜ୍ୟ ନିଶାମୁକ୍ତ ଅଭିଯାନର ଆବାହକ ପାର୍ବତୀ ନାୟକ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ନାରୀମାନେ ଆଗେଇ ଆସିବା ଲାଗି ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ସମୀର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା ସଭାରେ ରାଜନଗର ନିଶାମୁକ୍ତ ଅଭିଯାନର ଆବାହକ ସୁନିଲ ରାଉଳ, ପଟ୍ଟାମୁଣ୍ଡାଇର ଶିବ ସୁନ୍ଦର ସାମନ୍ତରାୟ, ଚାନ୍ଦିବାଉଁଶମୂଳ ପଞ୍ଚାୟତର ସମିତିସଭ୍ୟ ଚିତ ରଞ୍ଜନ ପଣ୍ଡା, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, କାହ୍ନୁଚରଣ ଚଣ୍ଡ ଓ ବାରଗାଁ ଯୁବ ପରିଷଦର ସଭାପତି ଅପୂର୍ବ ମିଳନ ରାଉଳ ପ୍ରମୁଖ ଯୋଗଦେଇଥିଲେ।

### ଶୋକ ଖବର

**ଡେରାବିଶ,୧୫।୯(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନସ୍ଥ ଗୋଲରାହାଟ ଗ୍ରାମର ଇସାକ୍ ଖାଁ (୮୨)ଙ୍କ ନିଜ ବାସଭବନରେ ଶନିବାର ପରଲୋକ ଘଟିଛି । ଇସାକ୍ ଜଣେ ପରୋପକାରୀ ଓ ସାମାଜିକ କର୍ମୀ ଭାବେ ପରିଚିତ ଥିଲେ । ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ତେବେ ଇସାକ୍‌ଙ୍କ ମୃତ୍ୟୁରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲା, ବରିଷ୍ଠ ବିଜେଡି ନେତା ରବି ସାମଲ, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଗୋଲାରହାଟ ସରପଞ୍ଚ ପ୍ରଭାତି ରାଉତ, ପୂର୍ବତନ ସରପଞ୍ଚ ତ୍ରିଲୋଚନା ରାଉତ, ସାମାଜିକ କର୍ମୀ ବିପିନି ବିହାରୀ ସାହୁ ଓ ସାହାଜାହାନ୍ ଖାଁ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ରାଜସ୍ୱ କାର୍ଯ୍ୟାଳୟରେ ତାଲା ପକାଇବାକୁ ଚାଷୀଙ୍କ ଚେତାବନୀ

**ପଟ୍ଟାମୁଣ୍ଡାଇ,୧୫।୯(ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲାର ଭାତହାଣ୍ଡି ଭାବରେ ପରିଚିତ ପଟ୍ଟାମୁଣ୍ଡାଇ ବ୍ଲକର ୯୦ ମୌଜାକୁ ନେଇ ଗଠିତ ଉତିକଣ ଅଞ୍ଚଳର ଧାନ ଫସଲ ଗତ ଲଘୁଚାପ ବର୍ଷାରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏବେ ବି ହଜାର ହଜାର ଏକର ଧାନ ଜମିରେ ପାଣି ଜମି ରହିଛି । ଲଗାଣ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ପୁନଃ ଆକଳନ କରି ଚାଷୀମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଜରୁରୀ ହୋଇପଡିଛି । ଆସନ୍ତା ୨ ଦିନ ମଧ୍ୟରେ ଜିଲାପାଳ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଚାଷୀମାନେ ସେମାନଙ୍କ ହକ୍ ପାଇଁ ରାଜସ୍ୱ କାର୍ଯ୍ୟାଳୟରେ ତାଲା ପକାଇବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ ବୋଲି ଚାଷୀ ସମାବେଶରେ ଚେତାବନୀ ଦିଆଯାଇଛି । ଉତିକଣ ଚାଷୀ ମୂଲିଆ ସଂଗ୍ରାମ ସମିତି ପକ୍ଷରୁ ସଂସାରଫଳ ଗୁପ୍ତେଶ୍ୱର ମହାଦେବ




ଚାଷୀ ସମାବେଶରେ ଉପସ୍ଥିତ ଚାଷୀମାନେ।

ପଡିଆଠାରେ ଶନିବାର ଅପରାହ୍ନରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଗ୍ରାମ ସମିତିର ଆବାହକ ଭାସ୍କର ରାଉତରାୟ ଯୋଗଦେଇ ଉତିକଣ ଚାଷୀମାନଙ୍କର ନ୍ୟାଯ୍ୟ ଅଧିକାର ପ୍ରତି ବ୍ଲକ ଠାରୁ ଜିଲା ପ୍ରଶାସନ କ୍ରମାଗତ ଭାବେ ଅବହେଳା କରୁଥିବା ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବା ସହିତ ନିଜର ହକ୍ ପାଇଁ ସଂଗ୍ରାମ ଜାରି ରଖିବାକୁ ସମବେତ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ । ଉତିକଣ ଅଞ୍ଚଳର ଚାଷୀ କ୍ଷେତ୍ରବାସୀ ପ୍ରଧାନ, କେଶବ ପ୍ରଧାନ, ଅନିଲ ଲେଙ୍କା, ଚୌଧୁରୀ ପାତ୍ର, ନବୀନ ଦାଶ, କୃଷକ ସଂଗଠନ ଆବାହକ ଧନେଶ୍ୱର ସୂତାର ,ମଧୁସୂଦନ ବେହେରା, ସୁକାନ୍ତ ଘଡାଇଙ୍କ ସମେତ ବହୁ କୃଷକ ସେମାନଙ୍କ ମୌଳିକ ସମସ୍ୟା ସଂପର୍କରେ କହିଥିଲେ । ୨୦୧୭ ମସିହା ନଭେମ୍ବର ମାସରେ ବର୍ଷା ଯୋଗୁ ହୋଇଥିବା ଧାନଫସଲ କ୍ଷୟକ୍ଷତି ବାବଦ କ୍ଷତିପୂରଣ ପ୍ରଦାନରେ କାଳକ୍ଷେପଣ

### ସଂସାରଫଳରେ ଚାଷୀ ସମାବେଶ

ନୀତି, ପ୍ରଧାନମନ୍ତ୍ରୀ ଶସ୍ୟ ବୀମାରୁ ବହୁ ଚାଷୀ ବାଦ୍ ପଡିବା ନେଇ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ । ଏହିସବୁ ସମସ୍ୟାକୁ ନେଇ ଏକ ୨୫ ଜଣିଆ କମିଟି ସର୍ବସମ୍ମତି କ୍ରମେ ଗଠିତ ହୋଇଥିଲା । ଉତିକଣ ଭେଡାର ଜଳ ନିଷ୍କାସନ ପଥ ପରିଷ୍କାର କରିବା, ପ୍ରସ୍ତାବିତ ଉତିକଣ ଥାନା ଓ ବ୍ଲକ ପ୍ରତିଷ୍ଠା ଦାବିରେ ଆସନ୍ତା ସୋମବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି । ଗତ ଲଗାଣ ବର୍ଷାରେ ଉତିକଣ ଭେଡାର ୧୫ ହଜାର ହେକ୍ଟର ଚାଷଜମିର ଧାନଫସଲ ଧୋଇ ଯାଇଛି । ତୁରନ୍ତ ଦୁର୍ଦ୍ଦିନରେ ଦିନ କାଟୁଥିବା ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନ ପାଇଁ ସମାବେଶରେ ଦାବି କରାଯାଇଥିଲା । ଶେଷରେ ସାମାଜିକ କର୍ମୀ ନଳିନୀକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୬।୯।୨୦୧୮ (ରବିବାର)**
- ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ଅଭିଯାନ ସଚେତନତା ରଥକୁ ସ୍ୱାଗତ
**ସ୍ଥାନ–** ଲୋକନାଥ ମହାବିଦ୍ୟାଳୟ, ପାଟକୁରା, **ସମୟ–** ପୂର୍ବାହ୍ନ ୧୦ଟା

**୧୭।୯।୨୦୧୮ (ସୋମବାର)**
- ମିଳିତ ଜନଶୁଣାଣି ଶିବିର
**ସ୍ଥାନ–** ରାଜକନିକା ବ୍ଲକ କାର୍ଯ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦.୩୦ ମିନିଟ
- ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ଅଭିଯାନ ସଚେତନତା ରଥକୁ ସ୍ୱାଗତ
**ସ୍ଥାନ–** ବାୟାବାବା ମହାବିଦ୍ୟାଳୟ, ମହାକାଳପଡା, **ସମୟ–** ପୂର୍ବାହ୍ନ ୧୦ଟା

**୧୮।୯।୨୦୧୮ (ମଙ୍ଗଳବାର)**
- ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ଅଭିଯାନ ସଚେତନତା ରଥକୁ ସ୍ୱାଗତ
**ସ୍ଥାନ–** ମାର୍ଶାଘାଇ ମହାବିଦ୍ୟାଳୟ , **ସମୟ–** ପୂର୍ବାହ୍ନ ୧୦ଟା

**୧୯।୯।୨୦୧୮ (ବୁଧବାର)**
- ସିଟୁ ପକ୍ଷରୁ ବିଭିନ୍ନ ଦାବିରେ ଗଣଧାରଣା
**ସ୍ଥାନ–** ଜିଲା ଶ୍ରମ କାର୍ଯ୍ୟାଳୟ, ତିନି ମୁହାଣୀ, **ସମୟ–** ପୂର୍ବାହ୍ନ ୧୧ଟା
- ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ଅଭିଯାନ ସଚେତନତା ରଥକୁ ସ୍ୱାଗତ
**ସ୍ଥାନ–** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦ଟା

**୨୦।୯।୨୦୧୮ (ଗୁରୁବାର)**
- ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ଅଭିଯାନ ସଚେତନତା ରଥକୁ ସ୍ୱାଗତ
**ସ୍ଥାନ–** ସାନ୍ଧ୍ୟ ମହାବିଦ୍ୟାଳୟ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

**୨୧।୯।୨୦୧୮ (ଶୁକ୍ରବାର)**
- ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ଅଭିଯାନ ସଚେତନତା ରଥକୁ ସ୍ୱାଗତ
**ସ୍ଥାନ–** ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, **ସମୟ–** ପୂର୍ବାହ୍ନ ୧୦ଟା

**୨୨।୯।୨୦୧୮ (ଶନିବାର)**
- ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ଅଭିଯାନ ସଚେତନତା ରଥକୁ ସ୍ୱାଗତ
**ସ୍ଥାନ–** ଆଳି ମହାବିଦ୍ୟାଳୟ , **ସମୟ–** ପୂର୍ବାହ୍ନ ୧୦ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୨୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

# ୧୮ ଦିନରେ ୧୧ ଡେଙ୍ଗୁ ରୋଗୀ ଚିହ୍ନଟ

**ରାଜନଗର, ୧୫।୯(ଡି.ଏନ୍.ଏ.)**



କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଡେଙ୍ଗୁ କାୟା ମେଲାଇ ଚାଲିଛି। ୧୮ ଦିନ ମଧ୍ୟରେ ବ୍ଲକ ଅନ୍ତର୍ଗତ ରାଜନଗର ଗାଁର ୪ଟି ୱାର୍ଡରୁ ୧୧ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ୩ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୮ଜଣ ଏବେ ଚିକିତ୍ସାଧୀନ ରହିଛନ୍ତି। ଅନ୍ୟ ୨ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏନେଇ ରାଜନଗର ଗାଁରେ ଆତଙ୍କ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ମହାନ୍ତି କହିଛନ୍ତି ସରକାରୀ ରିପୋର୍ଟ ଅନୁସାରେ ଗାଁରୁ କିଛି ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ସ୍ଥାନୀୟ ଲାବୋରେଟୋରି ଭୁଲ୍ ପରୀକ୍ଷା କରି ଅଧିକ ଡେଙ୍ଗୁ ପଜିଟିଭ୍ ଥିବା ଦର୍ଶାଇ ଅଯଥା ଆତଙ୍କ ସୃଷ୍ଟି କରୁଛି। ଏନେଇ ସମ୍ପୃକ୍ତ ଲାବୋରେଟୋରିକୁ ତାଗିଦ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଅଧିକାଂଶ ଡେଙ୍ଗୁ ଆକ୍ରାନ୍ତ ରୋଗୀ କଟକ ଓ ଭୁବନେଶ୍ୱରସ୍ଥିତ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କାହିଁକି ଘଣ୍ଟ ଘୋଡାଉଛି, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ରାଜନଗର ଗାଁର ୩ ଓ ୬ ନଂ ୱାର୍ଡରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏବେ ୪ ଓ ୫ ନଂ ୱାର୍ଡକୁ ବ୍ୟାପିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଗାଁର ନଳକୂପ ନିକଟରେ ଘାସ ବଣ ଓ ନାଳପାଣି ଅପରିଷ୍କାର ଯୋଗୁ ଏହି ରୋଗ ବ୍ୟାପିଛି ବୋଲି ଗ୍ରାମବାସୀ କହିଛନ୍ତି।

### ନିଖିଳ ଉତ୍କଳ ବାରିକ ସମିତିର ଜିଲା ସମ୍ମିଳନୀ



**କେନ୍ଦ୍ରାପଡା ଅଫିସ, ୧୫।୯**

ନିଖିଳ ଉତ୍କଳ ବାରିକ ସମିତି କେନ୍ଦ୍ରାପଡା ଶାଖା ପକ୍ଷରୁ ସହରର ଟାଉନହଲଠାରେ ଜିଲା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିଜୟ କେତନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବାରିକ ସମାଜର ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂହ, ରାଜ୍ୟ ସଭାପତି ହେମନ୍ତ କୁମାର ବାରିକ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ସାମାଜିକ କର୍ମୀ ଡ. ଜଗତଜୀବନ ଦାସ ଓ ପୂର୍ବତନ ସଭାପତି ବିକ୍ରମ କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ କୁଳମଣି ବାରିକ ଯୋଗ ଦେଇ ବାରିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ, କ୍ଷୌର କାର୍ଯ୍ୟକୁ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଏକ ପାଠ୍ୟକ୍ରମ ଭାବେ ଗ୍ରହଣ କରିବା, କ୍ଷୌରକାରଙ୍କୁ କୁଶଳୀ କାରିଗରର ମାନ୍ୟତା ପ୍ରଦାନ, ୫୦ ବର୍ଷରୁ ଉର୍ଦ୍ଧ୍ୱ ବାରିକଙ୍କୁ କାରିଗର ଭତ୍ତା ପ୍ରଦାନ କରିବା, ନିର୍ବାଚନ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ସହ କଲ୍ୟାଣ ପାଣ୍ଠି ଗଠନ ଆଦି ଦାବି ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀକୁ ଜିଲା ଉପ ସଭାପତି ମନୋରଞ୍ଜନ ବାରିକ, ଜଗବନ୍ଧୁ ବାରିକ, ମଧୁସୂଦନ ମୁଦୁଲି, ଉତ୍ତମ ଚରଣ ବାରିକ, ଗୁରୁଚରଣ ବାରିକ ଓ ରାମଚନ୍ଦ୍ର ବାରିକ ପ୍ରମୁଖ ପରିଚାଳନା କରିଥିଲେ।

- କେନ୍ଦ୍ରାପଡା ଜିଲାରେ ସୌଭାଗ୍ୟ ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ

# ଅଧିକ ବିଦ୍ୟୁତ୍ ବିଲ୍ ପଇଠ କରିବାକୁ ଗରିବ ଉପଭୋକ୍ତା ଅକ୍ଷମ

**ପଟ୍ଟାମୁଣ୍ଡାଇ, ୧୪।୯ (ସ୍ୱ.ପ୍ର.)**

ପ୍ରତ୍ୟେକ ଗରିବ ଲୋକଙ୍କ ଘରକୁ ମାଗଣାରେ ବିଦ୍ୟୁତ ଯୋଗାଇ ଦେବା ପାଇଁ ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି । ତେବେ ମିଟର ନ ବସାଇ ଅଧିକ ଟଙ୍କାର ବିଲ ଦିଆଯାଉଥିବାରୁ ଏହାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ଏହି ଯୋଜନାରେ ଗରିବ ଲୋକେ ସୁଫଳ ପାଉ ନ ଥିବା ଅଭିଯୋଗ ହୋଇଛି ।

ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ କେନ୍ଦ୍ର ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ମିଟର ବସାଇ ବିଦ୍ୟୁତ୍ ସଂଯୋଗ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ବିନା ମିଟରରେ ଅଧିକାଂଶ ସଂଯୋଗ ଦିଆଯାଇଛି। ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିୟମ ଅନୁସାରେ ମିଟର ନ ଥିବା ଉପଭୋକ୍ତାମାନଙ୍କୁ ୧୪୪ ୟୁନିଟର ମାସିକ ୫୬୦ ଟଙ୍କା ୫୯ ପଇସା ବିଲ୍ ଦିଆଯାଉଛି। ଉପଭୋକ୍ତାମାନେ ଏତେ ଟଙ୍କାର ବିଲ ପଇଠ କରିବାକୁ ଅକ୍ଷମ ହେଉଛନ୍ତି। କାରଣ ସେମାନେ ଏତେ ପରିମାଣର ବିଦ୍ୟୁତ୍ ଖର୍ଚ୍ଚ କରୁନାହାନ୍ତି। ମିଟର ବସାଇବା ପାଇଁ ଉପଭୋକ୍ତାମାନେ ବାରମ୍ବାର ସେସୁର ଦ୍ୱାରସ୍ଥ ହେଉଛନ୍ତି। ପରେ ଏହି ବିଲ୍ ସଂଶୋଧନ ହେବ ବୋଲି ସେସୁ କର୍ତ୍ତୃପକ୍ଷ କହି ଚାଲିଛନ୍ତି। ଫଳରେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଉପଭୋକ୍ତାମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ ହେବା ଏକରକମ ନିଶ୍ଚିତ ହୋଇଯାଇଛି। ଏହି ଯୋଜନାରେ ସାମିଲ ହୋଇଥିବା ଉପଭୋକ୍ତାମାନେ ଅଧିକ ବିଲ ଦେଇ ନ ପାରି ଯେଉ ଅନ୍ଧାରରେ ଥିଲେ ସେଇ ଅନ୍ଧାରରେ ରହିବାକୁ ବାଧ୍ୟ ହେବେ। ଫଳରେ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା ଦିଗହରା ହୋଇଥିବା ବେଳେ କୋଟି କୋଟି ଟଙ୍କା ପାଣିରେ ପଡିବ ବୋଲି ଜିଲା ବିଦ୍ୟୁତ୍ ଉପଭୋକ୍ତା ଆସୋସିଏଶନ ସଭାପତି ଭୀମସେନ ପରିଡା ପ୍ରକାଶ କରିଛନ୍ତି। ଗରିବ ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀଙ୍କ ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ କରିବାରେ ଜିଲା ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କ ଉଦାସୀନତା ହିତାଧିକାରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏଭଳି ଗରିବ ମାରଣ ନୀତିକୁ ଦୃଢ ବିରୋଧ କରି ଜିଲା ବିଦ୍ୟୁତ୍ ଉପଭୋକ୍ତା ଆସୋସିଏଶନ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖାଯାଇ ଏ ଦିଗରେ ତୁରନ୍ତ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୌଭାଗ୍ୟ ଯୋଜନାକୁ ଠିକ ଭାବରେ କାର୍ଯ୍ୟକାରୀ କରି ମିଟର ବସାଇବା ସହିତ ଗରିବ ଉପଭୋକ୍ତାମାନଙ୍କ ଠାରୁ ଉଚିତ ବିଲ ଆଦାୟ କରିବାକୁ ବିଦ୍ୟୁତ୍ ଉପଭୋକ୍ତା ଆସୋସିଏଶନ ପକ୍ଷରୁ ଦାବି ହୋଇଛି।

# ଶିଶୁମନ୍ଦିରରେ ପିତୃ ସମ୍ମିଳନୀ

**ଆଳି, ୧୫।୯ (ଡି.ଏନ୍.ଏ.)**

ଆଳି ବ୍ଲକ ଦେମାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅନାଦି ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶିଶୁ ବିଦ୍ୟାମନ୍ଦିର ସଂକୁଳ ପ୍ରମୁଖ କପିଳ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଓଡ଼ିଶା ଚିନ୍ମୟ ମିଶନର ଅଧ୍ୟକ୍ଷ ସ୍ୱାମୀ ସଦାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା ଓ ଢେଙ୍କାନାଳ ଚିନ୍ମୟ ମିଶନର ସ୍ୱାମୀ ସର୍ବପ୍ରିୟାନନ୍ଦ ସରସ୍ୱତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯଦିଓ ପରିବାରରେ ମାତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି ତଥାପି ସମସ୍ତ ପରିବାର ପିତୃ କୈନ୍ଦ୍ରିକ। ଜଣେ ଶିଶୁ ପାଇଁ ତାର ପିତା ହେଉଛି ହିମାଳୟଠାରୁ ଆହୁରି ଦୃଢ, ଆକାଶଠୁ ଉଚ୍ଚ, ସମୁଦ୍ରଠାରୁ ଗଭୀର। ତେଣୁ ପିତାମାତାମାନେ ଶିଶୁମାନଙ୍କର ମନର ଭାବକୁ ଠିକ୍ ଭାବେ ବୁଝି ଶିକ୍ଷା ପ୍ରଦାନ କଲେ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ଜାନକୀ କୁମାରୀ ଦାସ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ରାଧାକାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଅମର କୁମାର ବାରିକ ଧନ୍ୟବାଦ ଦେଇଥିଲେ।




ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ନାଗରିକ ସମ୍ବର୍ଦ୍ଧନା




ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ରାଜନଗର, ୧୫।୯(ଡି.ଏନ୍.ଏ.)**

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଢୋଲମରାର କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ତରଫରୁ ମା' ମାଟିଆ ମଙ୍ଗଳା ପୀଠରେ ଶନିବାର ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମାନସ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ରାଜନଗର ଗୌରବ ସମ୍ମାନରେ ପ୍ରଶାସନିକ ଅଧିକାରୀ ଡ. ପଦ୍ମଲୋଚନ ରାଉତ, ବାରଗାଁ ଗୌରବ ସମ୍ମାନରେ ମରଣୋତ୍ତର ଭାବେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନରେ ଗୋକୁଳ ଚନ୍ଦ୍ର ଦାସ, ପରିବେଶବିତ୍ ସମ୍ମାନରେ କଳ୍ପତରୁ ପରିଡା, ଆଦର୍ଶ ଯୁବ ଖବରଦାତା ଭାବେ କୃତ୍ତିବାସ ପ୍ରଧାନ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଭାବେ ଅନାଦୀ ଚରଣ ରାଉଳଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ସନ୍ନ୍ୟାସୀ ଚରଣ ରାଉଳ, ଶ୍ରୀଧର ପ୍ରସାଦ ରାଉତ, କାହ୍ନୁ ଚରଣ ଚଣ୍ଡ ଓ ବିଜୟ କୁମାର ଦେବତାଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରୀ ଭାବେ ଅପର୍ଣ୍ଣା ରାଉଳଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟର ସଦସ୍ୟ ତଥା ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନା, ମୁଖ୍ୟବକ୍ତା ଭାବେ କବି ଅଭିରାମ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ସହାୟକ ଜିଲାପାଳ ରାଜଲକ୍ଷ୍ମୀ ନାୟକ, ଶିକ୍ଷାବିତ୍ ଅନନ୍ତ ଚରଣ ମହାନ୍ତି, ଯୁବନେତା ପ୍ରଶାନ୍ତ କୁମାର ରାଉତ ଓ ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ଶିକ୍ଷାବିତ୍ ମହେଶ୍ୱର ମହାନ୍ତି, ସମୀରଣ ମଣ୍ଡଳ ଓଅଶୋକ ଦାସ, ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ସୁଶ୍ରୀକାନ୍ତ ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ରଙ୍ଗଧର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ ଅଭିଯୋଗ

**ଡେରାବିଶ,୧୫।୯(ସ୍ୱ.ପ୍ର.)**

- ରେଳ ଠିକା ସଂସ୍ଥାରେ ପ୍ରକାଶ କାମ କରୁଥିଲେ
- ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

ଡେରାବିଶ ଥାନା ଅନ୍ତର୍ଗତ ନିର୍ମାଣାଧୀନ ହରିଦାସପୁର-ପାରାଦୀପ ରେଳପଥର ବଳଭଦ୍ରପୁରଠାରେ ରେଳ ଠିକା ସଂସ୍ଥା ଏଆରଏସ୍ଏସ୍‌ରେ କାମ କରୁଥିବା ଯୁବ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ବେହେରା(୩୬)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ସମ୍ପୃକ୍ତ ଠିକା ସଂସ୍ଥାର ମ୍ୟାନେଜର ଦୁର୍ଘଟଣା ଯୋଗୁ ପ୍ରକାଶଙ୍କର ମୃତ୍ୟୁ ଘଟିଥିବା କହୁଥିବା ବେଳେ ତାଙ୍କ ପରିବାର ପକ୍ଷରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ନିର୍ମାଣାଧୀନ ରେଳପଥର ବିଦ୍ୟୁତ୍ ଓ କଂକ୍ରିଟ୍ ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ରେଳ ବିକାଶ ନିଗମ ଲିମିଟେଡ ଠିକାସଂସ୍ଥା ଏଆରଏସ୍ଏସ୍ (ସିଭମ୍ କଣ୍ଟେଭ୍ ପ୍ରାଇଭେଟ୍ ଲିମିଟେଡ)କୁ କାର୍ଯ୍ୟାଦେଶ ଦେଇଥିଲେ । ଏହି ସଂସ୍ଥାର ଜଣେ ସାଇଟ୍ ଇଞ୍ଜିନିୟର ଭାବେ ପ୍ରକାଶ କାର୍ଯ୍ୟ କରୁଥିଲେ । ଶୁକ୍ରବାର ପ୍ରକାଶ ଠିକା ସଂସ୍ଥାର ଅନ୍ୟ କର୍ମଚାରୀଙ୍କ ସହ ବଳଭଦ୍ରପୁର ସାଇଟ୍ ଅଫିସକୁ ଆସିଥିଲେ।



ମୃତ ଇଂ. ପ୍ରକାଶଙ୍କ ଫାଇଲ ଫଟୋ।

ଅପରାହ୍ନରେ ତାଙ୍କୁ ସେଠାରେ କାର୍ଯ୍ୟରେ ନିୟୋଜିତ ଥିବା ଏକ ଜେସିବି ମେଶିନ୍ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ । ତାଙ୍କୁ ପ୍ରଥମେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକର ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରୁ ପରିବାର ଲୋକଙ୍କୁ ନ ଜଣାଇ ଠିକାସଂସ୍ଥାର କର୍ମଚାରୀମାନେ ପ୍ରକାଶଙ୍କୁ ଭୁବନେଶ୍ୱରସ୍ଥ କ୍ୟାପିଟାଲ୍ ହସପିଟାଲକୁ ନେଇଯିବା ସହ ସେଠାରେ ଛାଡି ପଳାଇ ଯାଇଥିଲେ । ବହୁ ଖୋଜାଖୋଜି ପରେ ପ୍ରକାଶ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର ହୋଇଥିବା ପରିବାର ଲୋକେ ଜାଣି ଶନିବାର ସେଠାରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ ବୋଲି ତାଙ୍କ ପତ୍ନୀ ପ୍ରିୟଦର୍ଶିନୀ ତରାଇ ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ଅଧିକ ଜାଣିବା ପାଇଁ ଠିକାସଂସ୍ଥାର ସହଯୋଗୀ କର୍ମଚାରୀଙ୍କୁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସମସ୍ତଙ୍କ ଫୋନ ବନ୍ଦ ରହିଥିବାରୁ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା । ତେବେ ଶନିବାର ସକାଳେ ଠିକା ସଂସ୍ଥାର ମ୍ୟାନେଜର ଶୁଭେନ୍ଦୁ ବନ୍ଦୋପାଧ୍ୟାୟ ଖବରପାଇ ଘଟଣାସ୍ଥଳକୁ ଆସିଥିଲେ । ତେବେ ଏହା ଦୁର୍ଘଟଣାଜନିତ ମୃତ୍ୟୁ ନୁହେଁ , ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପ୍ରିୟଦର୍ଶିନୀ ଅଭିଯୋଗ କରିଛନ୍ତି । ସେ ଆହୁରି କହିଛନ୍ତି ଏକ ହାଇୱା ପ୍ରକାଶଙ୍କୁ ଧକ୍କା ଦେଇଥିବା କେତେକ କର୍ମଚାରୀ କହୁଛନ୍ତି । ଅପରପକ୍ଷରେ ମ୍ୟାନେଜର ଶୁଭେନ୍ଦୁ ଜେସିବି ମେଶିନର ବ୍ରେକ୍ ଫେଲ୍ ଯୋଗୁ ମେଶିନ ପ୍ରକାଶଙ୍କ ଆଡକୁ ମାଡିଯାଇଥିଲା । ଫଳରେ ତାଙ୍କ ଅବସ୍ଥା ଗୁରୁତର ହୋଇ ପଡିଥିଲା ବୋଲି କହିଥିଲେ । ଠିକାସଂସ୍ଥାର କର୍ମଚାରୀ ଓ ମ୍ୟାନେଜରଙ୍କ କଥାରେ ତାଳମେଳ ନ ଥିବାରୁ ଘଟଣା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ପ୍ରକାଶଙ୍କ ପରିବାର ପକ୍ଷରୁ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହି ଘଟଣା ନେଇ ଠିକାସଂସ୍ଥାର କର୍ମଚାରୀ ରଶ୍ମିରଞ୍ଜନ ବେହେରା ଶନିବାର ଡେରାବିଶ ଥାନାରେ ଅଭିଯୋଗ କରିବା ପରେ ୧୨୭/୧୮ନଂରେ ଏକ ମାମଲା ରୁଜୁ ହୋଇଛି । ଏହାକୁ ଆଧାର କରି ଡେରାବିଶ ପୋଲିସ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣା ଘଟାଇଥିବା ଜେସିବି ମେଶିନ୍‌କୁ ଜବତ କରିବା ସହ ସେଠାରେ କାର୍ଯ୍ୟରତ ଥିବା ୬ ଜଣ କର୍ମଚାରୀଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଆଲୋଡ଼ନ ସୃଷ୍ଟି ହୋଇଛି ।



ଅଳ୍ପରେ କହୁଥିବା କଳାକୁ ଯିଏ ଆୟତ୍ତ କରିଛି, ସେ ଅନ୍ୟ ଉପରେ ଯଥାର୍ଥ ପ୍ରଭାବ ପକାଇପାରେ।

-ଜେ. ଏଡ୍‌ୱାର୍ଡସ



## ସଂକ୍ଷେପରେ

### ରାହାମାରେ ମୁଁ ହିରୋ କାର୍ଯ୍ୟକ୍ରମ



**ରାହାମା,୧୫।୯(ଡି.ଏନ୍.ଏ):** କୁଜଙ୍ଗ ବ୍ଲକ ରାହାମାରେ ଥିବା ଶାରଳା ମହାବିଦ୍ୟାଳୟ ଠାରେ ମୁଁ ହିରୋ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଜଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ବ୍ଲକ ୧ନଂ ଜୋନ୍ ଜିଲା ପରିଷଦ ସଭ୍ୟ ନମିତା ପରିଡା, ୨ନଂ ଜୋନ୍‌ର ଜିଲା ପରିଷଦ ସଭ୍ୟ ମାନିନୀ ବେହେରା, ରାହାମା କଲେଜ ଅଧକ୍ଷ ଶରତ ଚନ୍ଦ୍ର ସାହୁ, ଅଧ୍ୟାପକ ସୁବାସ ଚନ୍ଦ୍ର ମହାନ୍ତି, ବଣିତୋ ସରପଞ୍ଚ ସଞ୍ଜୟ ଷଡଙ୍ଗୀ, ବିଜୁ ଯୁବ ବାହିନୀ କୁଜଙ୍ଗ ବ୍ଲକ ସଂଯୋଜକ ମଧୁସ୍ମିତା ପଣ୍ଡା ଓ ସମସ୍ତ କର୍ମକର୍ତା, କଲେଜର ସମସ୍ତ ଛାତ୍ରୀଛାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରାହାମା ଅଞ୍ଚଳରେ ଯୁବକମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାର ବିକାଶ କରି ଓଡିଶାର ହିରୋ ହେବା ପାଇଁ ଏହି କାର୍ଯ୍ୟକ୍ରମ ଏକ ବଳିଷ୍ଠ ମାଧ୍ୟମ ବୋଲି ଉପସ୍ଥିତ ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ।

### କଲେଜ ଗଭର୍ଣ୍ଣିଂ ବଡି ବୈଠକ

**ଏରସମା,୧୫।୯(ସ୍ୱ.ପ୍ର.):** ଏରସମାର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଗଭର୍ଣ୍ଣିଂ ବଡି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ,ଏମପିଙ୍କ ପ୍ରତିନିଧି ତଥା ବିଜେଡି ବ୍ଲକ ସଭାପତି ପୀତବାସ ଗଛାୟତ, କଲେଜ ଅଧକ୍ଷ ଆଲୋକ କୁମାର ସ୍ୱାଇଁ, ସରୋଜ କୁମାର ମହାପାତ୍ର, ମହେଶ୍ୱର ସ୍ୱାଇଁ, ପ୍ରଫୁଲ୍ଲ ଦାସ, ମହମ୍ମଦ ହାମଜା ଖାଁ, ନମିତା ମୁଦୁଲି, ବିଷ୍ଣୁପ୍ରିୟା ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଶେଷକରି କଲେଜର ବିକାଶ, ନୂତନ ଅଧକ୍ଷ ନିଯୁକ୍ତି, ଶିକ୍ଷାର ଗୁଣାତ୍ମମାନ ବୃଦ୍ଧି, ସରକାରୀ ଅନୁଦାନର ବିନିଯୋଗ, ବାର୍ଷିକ ଆୟବ୍ୟୟର ଅଟକଳ ଉପରେ ଆଲୋଚନା କରାଯାଇଥିଲା।

### ଅଗ୍ନିବିପନ୍ନଙ୍କୁ ସହାୟତା

**ବିରିଡ଼ି,୧୫।୯(ଡି.ଏନ.ଏ.):** ବିରିଡି ବ୍ଲକ ଉକୁନ୍ଦରା ପଞ୍ଚାୟତ ଅଧୀନ କାଉପଡା ରଘୁନାଥପୁର ଗ୍ରାମର ରବି ଭୋଇ, କବି ଭୋଇ ଓ ଅଭିରାମ ଭୋଇଙ୍କ ବାସଗୃହ ରବିବାର ରାତିରେ ସମ୍ପୂର୍ଣ୍ଣ ପୋଡିଯାଇଥିଲା। ନିଆଁ ଲିଭାଇବାକୁ ଯାଇ ୨ ଜଣ ଆହତ ହୋଇଥିଲେ। ଗୁରୁବାର ଜଗତ୍‌ସିଂହପୁର ଛାତ୍ର ବିଜେଡି ସମ୍ପାଦକ ବିଜୟ ଶଙ୍କର ଦାସ ଜିଲା ବିଜେଡି ପକ୍ଷରୁ ବିପନ୍ନମାନଙ୍କୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ସହିତ ଛାତ୍ର ବିଜେଡି ସଭାପତି ପ୍ରଦୀପ୍ତ କୁମାର ଭୂୟାଁ ଓ ଜିଲା ସଂଖ୍ୟାଲଘୁ ସେଲ ସଭାପତି ମିର୍ ଆଜମିର୍ ଅଲ୍ଲି ଉପସ୍ଥିତ ଥିଲେ। ସେମାନେ ବିପନ୍ନଙ୍କ ଭଲମନ୍ଦ ବୁଝି ସମସ୍ୟା ସମ୍ପର୍କରେ ଜଗତ୍‌ସିଂହପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଜଗତଗୁରୁ ରାମାନନ୍ଦାଚାର୍ଯ୍ୟଙ୍କ ୩ୟ ବାର୍ଷିକ ପଟ୍ଟାଭିଷେକ

**ବିରିଡ଼ି,୧୫।୯(ଡି.ଏନ.ଏ.):** ଆଜିର ଦୁନିଆରେ ଧର୍ମ, ଜାତି, ବର୍ଣ୍ଣକୁ ଭୁଲି ଏକ ସୁସ୍ଥ ସମାଜ ଗଠନ ଓ ତାର ସୁରକ୍ଷାରେ ପ୍ରତ୍ୟେକ ନାଗରିକ ନିଜକୁ ଉତ୍ସର୍ଗ କରିବା ଉଚିତ। ଏହା ଦ୍ୱାରା ଆମ ଦେଶର ମଙ୍ଗଳ ହେବ ବୋଲି ଶୁକ୍ରବାର ବିରିଡି ବ୍ଲକ ନୂଆପାରାସ୍ଥିତ ଜଗତଗୁରୁଙ୍କ ପୀଠରେ ଆୟୋଜିତ ଧର୍ମସଭାରେ ଜଗତଗୁରୁ ରାମାନନ୍ଦାଚାର୍ଯ୍ୟ ଉତ୍କଳ ପୀଠାଧିଶ୍ୱର ଶ୍ରୀ ସ୍ୱାମୀ ଅରୁପାନନ୍ଦଜୀ ମହାରାଜ ପ୍ରକାଶ କରିଛନ୍ତି। ଜଗତଗୁରୁଙ୍କ ୩ୟ ବାର୍ଷିକ ଦିକ୍ଷ୍ୟାନ୍ତ ଉତ୍ସବ ପାଇଁ ପୀଠରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସାଧୁସନ୍ଥ ଯୋଗଦେଇ ରାଜ୍ୟ ଓ ଦେଶର ଉନ୍ନତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ପ୍ରାକୃତିକ ବିପର୍ଯ୍ୟୟରୁ ମାନବ ସମାଜକୁ ରକ୍ଷା କରିବା ପାଇଁ ସମସ୍ତେ ଏକ ମନ ଏକ ଚିତ୍ତରେ ଧାର୍ମିକ ଭାବନା ନେଇ କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଇଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ନାଗା ରାମନାରାୟଣ ଦାସ, ବାବା ବ୍ରହ୍ମାନନ୍ଦ ମହାରାଜ, ଧାନକୁଦ ପୀଠର ପୀଠାଧିସ ବାବା ଅରକ୍ଷୀତ ଦାସ, ଓଡିଆ ଜଗନ୍ନାଥ ସଂସ୍କୃତିର କଥାପ୍ରଚାରକ ବାବା ଦିବାକର ଦାସ, ମୁକ୍ତାନନ୍ଦ ମହାରାଜ, ପୀଠର ଆଶ୍ରିତ ଗୋବିନ୍ଦ ରାଓ ଦୋରା ଯୋଗ ଦେଇଥିଲେ। ଏହି ଉପଲକ୍ଷେ ପୀଠରେ ପୂଜାର୍ଚ୍ଚନା, ହନୁମାନ ଚାଳିଶା, ପାଲା ଓ ଭଜନ କୀର୍ତ୍ତନ କରାଯାଇଥିଲା।

# ସୁପର ସ୍ପେଶିଆଲିଟି ହସ୍ପିଟାଲ ଦାବିରେ କମ୍ପିଲା କୁଜଙ୍ଗ

**କୁଜଙ୍ଗ,୧୫।୯(ସ୍ୱ.ପ୍ର.)**






ଭୁତମୁଣ୍ଡାଇଠାରେ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବିରେ ହୋଇଥିବା ଜନସମାବେଶରେ ମଞ୍ଚାସୀନ ଆଞ୍ଚଳିକ ସୁରକ୍ଷା କର୍ମକର୍ତ୍ତା, ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣ।

- ଭୁତମୁଣ୍ଡାଇଠାରେ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ କର
- ହରତାଳରେ ସାମିଲ ହେଲେ ୭ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ
- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କଲେ ତହସିଲଦାର
- ମାସକ ପରେ ଆଇନ ଅମାନ୍ୟ ଆନ୍ଦୋଳନ ଡାକରା

ପାରାଦୀପ ବନ୍ଦର ନିକଟ ଏବଂ ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଜିଲାର ସଂଯୋଗସ୍ଥଳ ଭୁତମୁଣ୍ଡାଇଠାରେ ଅତ୍ୟାଧୁନିକ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବିରେ ଶନିବାର କୁଜଙ୍ଗରେ ଏକ ବିଶାଳ ଜନ ସମାବେଶ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଶିଳ୍ପ ପ୍ରଭାବିତ ଅଞ୍ଚଳର ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏଥିରେ ଏକତ୍ରିତ ହୋଇଥିଲେ। କୁଜଙ୍ଗ ବଜାରର ତିନି ପଟରୁ ୩ଟି ବିଶାଳ ଶୋଭାଯାତ୍ରାରେ ଆସିଥିବା ଏହି ଗ୍ରାମବାସୀ ମେଡିକାଲ ଆମର ନାଯ୍ୟ ଦାବି, ବନ୍ଦର ଓ ଶିଳ୍ପ ସଂସ୍ଥା ତୁରନ୍ତ ମେଡିକାଲ ନିର୍ମାଣ ନ କଲେ ଶିଳ୍ପରେ ପଡିବ ତାଲା ଆଦି ନାରା ଦେଇଥିଲେ। ସେମାନଙ୍କ ମିଳିତ ଗର୍ଜନରେ କୁଜଙ୍ଗ ଅଞ୍ଚଳ କମ୍ପି ଉଠିଥିଲା। ଶିଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ଦ୍ୱାରା ଗଠନ କରାଯାଇଥିବା ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଏହି ଦାବି ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ପରେ କୁଜଙ୍ଗ ତହସିଲଦାର ରମେଶଚନ୍ଦ୍ର ପଣ୍ଡା ଓ ଥାନା ଇନ୍ସପେକ୍ଟର ଦିଲୀପ କୁମାର ସାହୁ ବ୍ଲକ ପଡିଆସ୍ଥିତ ସଭାମଞ୍ଚ ନିକଟରେ ପହଞ୍ଚି ସମିତି ଆବାହକ ମଣ୍ଡଳୀଠାରୁ ଏ ସମ୍ପର୍କିତ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ପଦାଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ତହସିଲଦାର ପଣ୍ଡା ଉକ୍ତ ଦାବି ସମ୍ପର୍କରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସବିଶେଷ ଜଣାଇ ପତ୍ର ଲେଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ତହସିଲ ସମ୍ମୁଖ ପଡିଆରେ ଆୟୋଜିତ ଏହି ସମାବେଶରେ ଆଞ୍ଚଳିକ ସୁରକ୍ଷା ସମିତିର ଆବାହକ ରଘୁନାଥ ସାହୁ ଅଧକ୍ଷତା କରିଥିଲେ। ଏଥିରେ ଶିଳ୍ପ ପ୍ରଭାବିତ ୧୫ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ଆବାହକମଣ୍ଡଳୀ ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ, ଶ୍ରମିକ ନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବାବୁରାମ ଚୌଧୁରୀ, ବିଜୟ କୁମାର ମହାନ୍ତି, ପ୍ରଶାନ୍ତ ଚୌଧୁରୀ, ଆଇନଜୀବୀ ସଞ୍ଜୟ କୁମାର ବେହେରା, ପ୍ରମୋଦ ଜେନା, ଜିନ୍ନୟୀ ସାହାଣି, ଦେବବାଳା ମହାପାତ୍ର, ମିନର୍ଭା ପରିଡା, ମାନଭଞ୍ଜନ ମଲ୍ଲ, ଜ୍ୟୋତିର୍ମୟୀ ସ୍ୱାଇଁ, ସାମାଜିକ କର୍ମୀ ରଶ୍ମୀରଞ୍ଜନ ସାହୁ, ଶ୍ରୀବଲ୍ଲଭ କର, ଅରକ୍ଷିତ ଦାସ, ପବିତ୍ର କୁମାର ସାହୁ, ଅଧିର ପ୍ରଧାନ, ରୋଜାଲିନ୍ ମହାପାତ୍ର, ଦେବେନ୍ଦ୍ର ମହାନ୍ତି, ଧିରେନ୍ଦ୍ର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଶିଳ୍ପ ବିରୋଧରେ ବର୍ଷିଥିଲେ। ସେମାନଙ୍କ କହିବା କଥା ହେଲା ପାରାଦୀପ ବନ୍ଦର ଓ ବନ୍ଦରକୁ ଭିତ୍ତିକରି ଗଢ଼ି ଉଠିଥିବା ଶିଳ୍ପ ସଂସ୍ଥାମାନେ ବିଷାକ୍ତ ବର୍ଜ୍ୟବସ୍ତୁ ଛାଡି ପାଣି, ପବନ ଓ ମାଟିକୁ ବିଷ କରିସାରିଲେଣି। ପାରାଦୀପ–କୁଜଙ୍ଗ ଅଞ୍ଚଳ ଏବେ ପ୍ରଦୂଷଣ କାରଣରୁ ରେଡ ଜୋନ ଅନ୍ତର୍ଭୁକ୍ତ ହୋଇଛି। ଶିଳ୍ପ ଆଇନ ଅନୁଯାୟୀ ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଗାଁ ଗାଁରେ କର୍କଟ ଓ ଅନ୍ୟାନ୍ୟ ଦୁରାରୋଗ ବ୍ୟାଧି ମହାମାରୀ ରୂପ ନେଇଛି। ଲୋକଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଏଠାରେ ଏକ ଅତ୍ୟାଧୁନିକ ମେଡିକାଲ ପ୍ରତିଷ୍ଠା ଦାବି ହୋଇଆସୁଥିବା ବେଳେ ଗତବର୍ଷ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡକରୀ ପାରାଦୀପ ଶିଳ୍ପ ଅଞ୍ଚଳରେ ଏକ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲଟି ହସ୍ପିଟାଲ ନିର୍ମାଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନି। ଆଜି ଦାବିପତ୍ର ପ୍ରଦାନ ପରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୁନଶ୍ଚ ଦାବି ଜଣାଇବୁ ଓ ସେଠାରୁ ଯଦି ନିରାଶ ହେଲୁ ତେବେ ଦୁରାରୋଗରୁ ବଞ୍ଚିବା ପାଇଁ ଶେଷରେ ଆଇନ ଅମାନ୍ୟ ଆନ୍ଦୋଳନ କରିବୁ ବୋଲି ସମାବେଶରେ ଚେତାବନୀ ଦିଆଯାଇଥିଲା। ଏହି କ୍ରମରେ ଜାତୀୟ ଓ ରାଜ୍ୟ ରାଜପଥ ଅବରୋଧ କରାଯାଇ ଶିଳ୍ପ ସଂସ୍ଥାଗୁଡିକୁ ଆର୍ଥିକ ଅବରୋଧ କରାଯିବ ବୋଲି ସଭାରେ ଘୋଷଣା କରାଯାଇଥିଲା। ସମିତି ସଦସ୍ୟ ବିପିନ୍ ତ୍ରିପାଠୀ, ଦୁଷ୍ମନ୍ତ ମାଝୀ ଓ ବିଭୂତି ଦାସ ଆନ୍ଦୋଳନ ପରିଚାଳନା କରିଥିଲେ। ବିନା ରାଜନେତା ଓ ରାଜନୈତିକ ଦଳକୁ ଛାଡି କୁଜଙ୍ଗରେ ଏଭଳି ଏକ ବିଶାଳ ସମାବେଶ ପ୍ରଥମ ବୋଲି ଚର୍ଚ୍ଚା ହେଉଛି।

## ଉତ୍ସବ ପାଳିଲେ ପ୍ରଶାନ୍ତଙ୍କ ସମର୍ଥକ



ବାଲିକୁଦାରେ ପ୍ରଶାନ୍ତଙ୍କ ସମର୍ଥକମାନେ ଖୁସି ଜାହିର କରୁଛନ୍ତି।

**ବାଲିକୁଦା,୧୫।୯(ସ୍ୱ.ପ୍ର.)**

ବାଲିକୁଦା–ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ପ୍ରଶାନ୍ତ ମୁଦୁଲିଙ୍କୁ ବିଜୁ ଜନତା ଦଳର ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନୂତନ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାକୁ ନେଇ ବାଲିକୁଦା ବିଜେଡିରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ଅବସରରେ ବାଲିକୁଦା ନିର୍ବାଚନ ମଣ୍ଡଳି ଯୁବ ବିଜେଡି ସଭାପତି ଅଲେଖ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ନେତା ଜଗତସିଂହପୁର ମାଛଗାଁ ମୁଖ୍ୟରାସ୍ତାର ସଦେଇପୁର ଛକଠାରେ ବାଣ ଫୁଟାଇ ଉତ୍ସବ ପାଳିଛନ୍ତି। ଏଥିରେ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲା ପରିଷଦ ସଦଶ୍ୟ ରାମଚନ୍ଦ୍ର ମହାନ୍ତି, ଜିଲାପରିଷଦ ସଦସ୍ୟା ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ କୁଅଁର, ଛାତ୍ର ବିଜେଡି ସଭାପତି କମଳ କିରଣ ବିଶ୍ୱାଳ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଶିବପ୍ରସାଦ ପାତ୍ର, ଉପସଭାପତି ଶୁଭେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବାରିକ, ଅରିଲୋ ବିଜେଡି ସଭାପତି ଉଲ୍ଲାସ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଶିରିଡ଼ି ସାଇ ଧାମକୁ ସାଇକେଲ ଯାତ୍ରା

**ଜଗତ୍‌ସିଂହପୁର ଅଫିସ, ୧୫।୯**

ଶିରିଡ଼ି ସାଇ ବାବାଙ୍କ ତିରୋଧାନର ଏକ ଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଶାରୁ ସାଇକେଲରେ ମୁମ୍ବାଇର ଶିରିଡ଼ି ଧାମକୁ ଯିବା ପାଇଁ ଜଗତ୍‌ସିଂହପୁର ଜିଲା ଟିଟିଗାଁ ଗ୍ରାମର ସାଇ ମନ୍ଦିର ସ୍ୱୀକୃତି ପାଇଛି। ଉକ୍ତ ମନ୍ଦିରର ମୁଖ୍ୟ ପୂଜକ ସାଇ ଦୀପୁନା ଗତ ୧୩ ତାରିଖରୁ ଶିରିଡ଼ି ସାଇ ଅଭିମୁଖେ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ଯାତ୍ରାକୁ ସଫଳ କରିବା ପାଇଁ ଅନେକ ସାଇ ଭକ୍ତ ପ୍ରାର୍ଥନା କରିଛନ୍ତି। ସାଇକେଲ ଯାତ୍ରାକୁ ସାମାଜିକ କର୍ମୀ ଅମରେନ୍ଦ୍ର ଦାସ ଓ ସରପଞ୍ଚ ଚିତ୍ତରଞ୍ଜନ ରାଉଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବଚରଣ ପଟ୍ଟନାୟକ, ସମିତିସଭ୍ୟ ବିଶ୍ୱନାଥ ବାରିକ, ମନ୍ଦିର ପରିଚାଳକ ସୁରେଶଚନ୍ଦ୍ର ପଟ୍ଟନାୟକ, ଶ୍ରୀଧର ଭୂୟାଁ, ଅମିତାଭ ପଟ୍ଟନାୟକ, ଉମେଶଚନ୍ଦ୍ର ପଟ୍ଟନାୟକ ଓ ପ୍ରତାପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଚାରାରୋପଣ କରାଯାଇଥିଲା।

## ପ୍ରଶାନ୍ତଙ୍କୁ ଶୁଭେଚ୍ଛା ଜଣାଇଲେ ରାଜଶ୍ରୀ

**ବାଲିକୁଦା,୧୫।୯(ସ୍ୱ.ପ୍ର.)**

ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରିବା ପରେ ଶନିବାର ଜଗତ୍‌ସିଂହପୁର ଜିଲା ବିଜେଡି ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିକୁଦା–ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରିଛନ୍ତି। ଫଳରେ ପ୍ରଶାନ୍ତଙ୍କୁ ଦଳ ବ୍ୟାପକ କ୍ଷମତା ପ୍ରଦାନ କରି ତାଙ୍କର ନେତୃତ୍ୱ ସୁଦୃଢ କରିବାକୁ ସୁଯୋଗ ଦେଇଛି। ଅନ୍ୟପକ୍ଷରେ ଦାମଙ୍କ ପାରମ୍ପରିକ ଶତ୍ରୁ ତଥା ଜିଲା ବିଜେଡି ସଭାପତି ବିଷ୍ଣୁ ଦାସ ଆଜିଯାଏ ଯାହା କରିପାରୁ ନ ଥିଲେ ତାହା ପ୍ରଶାନ୍ତ କରିପାରିଛନ୍ତି ବୋଲି କୁହାଯାଉଛି। ସେଥିପାଇଁ ଦଳ ତାଙ୍କ ଉପରେ ଏଭଳି ଆସ୍ଥା ପ୍ରକଟ କରିଥିବା ଚର୍ଚ୍ଚା ହେଉଛି। ସେହିପରି ବିଷ୍ଣୁଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ହେତୁ ସଙ୍ଗଠନ ସମ୍ଭାଳିବା କଷ୍ଟକର ହେଉଥିବା ଓ ଅନ୍ୟପଟେ ଦାମକୁ ଚେକ ଦେବା ପାଇଁ ଦଳ ପ୍ରଶାନ୍ତଙ୍କ କ୍ଷମତା ବଢ଼ାଉଛି ବୋଲି କୁହାଯାଉଛି। ତେବେ ସବୁଠୁ ବେଶି ଚର୍ଚ୍ଚାର ବିଷୟ ହେଉଛି ଏକଦା ଦାମଙ୍କ ନିକଟତର କୁହାଯାଉଥିବା ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲିକ ପ୍ରଶାନ୍ତଙ୍କୁ ଭେଟି ଏହି ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ସହ ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନି ବିଶ୍ୱାଳ ଏବଂ ଜିଲାର ଅନ୍ୟ ଛାମୁଆ ନେତାମାନେ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି।



ଭୁବନେଶ୍ୱରରେ ପ୍ରଶାନ୍ତଙ୍କୁ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲିକ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଉଛନ୍ତି।

## ଦାମଙ୍କ ବିରୋଧରେ ଫେରାଦ ହୋଇ ପୁରସ୍କାର ପାଇଲେ ପ୍ରଶାନ୍ତ

# ଜିଲା ବିଜେଡି ସଭାପତି ପଦ ଆଉ ଅଳ୍ପ ଦୂର

**ଜଗତ୍‌ସିଂହପୁର ଅଫିସ, ୧୫।୯**

- ପ୍ରଶାନ୍ତଙ୍କ ରାଜନୈତିକ ବିଚକ୍ଷଣତାକୁ ନେଇ ଚର୍ଚ୍ଚା
- ଉମେଶ, ରଘୁନନ୍ଦନ, ଦାମଙ୍କ ପରେ ଆଗକୁ ବିଷ୍ଣୁ

ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ଦଳରୁ ବହିଷ୍କାର କଲା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତ୍‌ସିଂହପୁର ଜିଲା ଉପରେ ନଜର କେନ୍ଦ୍ରିଭୂତ କରିଛନ୍ତି। ଏହି ଜିଲାରେ ଦାମଙ୍କ ପ୍ରଭାବ ଥିବାରୁ ତାଙ୍କୁ ଦୁର୍ବଳ କରିବା ପାଇଁ ସେ ସମସ୍ତ ରଣନୀତି ଆପଣାଇଛନ୍ତି। ବାଲିକୁଦା–ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ପଦୋନ୍ନତି ଦେଇ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି କରାଇଛନ୍ତି। ଏଥିସହ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଜିଲାର ସହ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛନ୍ତି। ଏଭଳି କରିବାର ମୁଖ୍ୟ କାରଣ ହେଉଛି ଯଦି ଏବେଠୁ ଜଗତ୍‌ସିଂହପୁର ଜିଲାରେ ବିଜେଡି ସଂଗଠନକୁ ବାନ୍ଧି ରଖା ନ ଯାଏ, ତେବେ ଆଗକୁ ପରିସ୍ଥିତି ଗୋଳମାଳିଆ ହୋଇପାରେ। ଅର୍ଥାତ୍ ଦାମଙ୍କ ଗୋଟିଚାଳନା ବିଜେଡିକୁ ଭାଗ ଭାଗ କରିଦେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ମୁଦୁଲିଙ୍କ ଏହି ପଦୋନ୍ନତିକୁ ନେଇ ନାନା କଥା ଚର୍ଚ୍ଚା ହେଉଛି। କୁହାଯାଉଛି ଦାମଙ୍କୁ ବହିଷ୍କାର କରିବା ପଛରେ ପ୍ରମୁଖ ଭୂମିକା ଥିଲା ମୁଦୁଲିଙ୍କର। ମୁଦୁଲି ତାଙ୍କ ସମର୍ଥକଙ୍କ ସହ ନବୀନ ନିବାସ ଯାଇ ଦାମଙ୍କ ବିରୋଧରେ ଫେରାଦ ହୋଇଥିଲେ। ତେଣୁ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ନବୀନ ଏଭଳି ପୁରସ୍କାର ଦେଇଛନ୍ତି। ଅନ୍ୟପକ୍ଷରେ ମୁଦୁଲିଙ୍କ ରାଜନୈତିକ ବିଚକ୍ଷଣତା ମଧ୍ୟ ଅନ୍ୟ ଏକ ଆଲୋଚନାର ପ୍ରସଙ୍ଗ ହୋଇଛି। କାରଣ ଅତୀତରେ ଯେଉଁ କେତେଜଣ ପ୍ରମୁଖ ରାଜନେତାଙ୍କ ଆଶୀର୍ବାଦରେ ସେ ଆଗକୁ ବଢ଼ିଥିଲେ, ସେମାନଙ୍କୁ ପଛରେ ପକାଇ ମାଡି ଚାଲିଛନ୍ତି। ଏବେ ଦାମଙ୍କୁ ଆଉଟ୍ କରିବା ପରେ ତାଙ୍କ ଆଗରେ ଆଉ ଜଣେ ନେତା ଅଛନ୍ତି। ସେ ହେଲେ ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ। କିଛି ମାସ ପୂର୍ବରୁ ମୁଦୁଲି–ଦାସଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। କିନ୍ତୁ ଏବେ ସବୁ ଠିକଠାକ୍ ହୋଇଯାଇଥିବା ଉପରକୁ ଜଣାପଡୁଛି। ମାତ୍ର ଧୀରେ ଧୀରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପଦ ପର୍ଯ୍ୟନ୍ତ ପହଞ୍ଚିସାରିଥିବା ମୁଦୁଲିଙ୍କ ପାଇଁ ସଭାପତି ପଦ ଆଉ ବେଶି ଦୂର ନୁହେଁ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତେଣୁ ସତରେ ମୁଦୁଲି ଆଗକୁ ବଢୁଛନ୍ତି ନା ନୀରବ ରହୁଛନ୍ତି ତାହା ଦେଖିବାର ଅଛି। ସେହିପରି ନବୀନଙ୍କ ଏହି ପଦୋନ୍ନତି ରଣନୀତି ଦାସ ଓ ମୁଦୁଲିଙ୍କ ମଧ୍ୟରେ କିପରି ସମନ୍ୱୟ ରଖି ଦଳକୁ ମଜଭୁତ କରୁଛି ତାହା ମଧ୍ୟ ସମୟ କହିବ।

ମୁଦୁଲିଙ୍କ ରାଜନୈତିକ କ୍ୟାରିୟର ଦେଖିଲେ, ଉମେଶ ସ୍ୱାଇଁ ନେତା ଥିବାବେଳେ ସେ ଥିଲେ ତାଙ୍କ କର୍ମୀ। ଛାତ୍ର ରାଜନୀତିରେ ବିଷ୍ଣୁଙ୍କ ଆଶୀର୍ବାଦ ପାଇ ସେ ସ୍ଥାନୀୟ ଏସ୍‌ଭିଏମ୍ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ହୋଇଥିଲେ। ପରେ ୧୯୯୨ରେ ସରପଞ୍ଚ ପ୍ରାର୍ଥୀ ହୋଇ ହାରିଥିଲେ। ୧୯୯୭ରେ ସମିତି ସଭ୍ୟ ପଦ ପାଇଁ ପ୍ରାର୍ଥୀ ହୋଇ କଂଗ୍ରେସ ସହ ଗୋଟିଚାଳନା କରି ଜିତିଥିଲେ। ଏହା ପରେ ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀର ଦଳୀୟ ନେତା ରଘୁନନ୍ଦନ ଦାସଙ୍କ ଆଶୀର୍ବାଦରେ ଆଗକୁ ବଢିଥିଲେ। ୨୦୦୨ ପଞ୍ଚାୟତ ନିର୍ବାଚନରେ ମୁଦୁଲି ପଞ୍ଚାୟତ ସମିତି ସଭ୍ୟ ହୋଇ ବାଲିକୁଦା ପଞ୍ଚାୟତ ସମିତି ଅଧକ୍ଷ ହୋଇଥିଲେ। ୨୦୦୭ ପଞ୍ଚାୟତ ନିର୍ବାଚନରେ ମୁଦୁଲି ଜିଲା ପରିଷଦ ସଭ୍ୟ ପଦ ପାଇଁ ଦଳୀୟ ପ୍ରାର୍ଥୀ ହୋଇ ଜିତିଥିଲେ। ସେତେବେଳେ ବି ଦାସଙ୍କ ଆଶୀର୍ବାଦ ତାଙ୍କ ଉପରେ ଥିଲା। ୨୦୦୯ ସାଧାରଣ ନିର୍ବାଚନରେ ମୁଦୁଲି ବିଧାୟକ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଥିଲେ। ଯେହେତୁ ଦାସ ଦଳୀୟ ନେତା, ତେଣୁ ତାଙ୍କୁ ପଛରେ ପକାଇ ଟିକେଟ୍ ପାଇବା କଷ୍ଟକର ଭାବି ଗୋଟିଚାଳନା କରିଥିଲେ। ଏହି ସମୟରେ ତାଙ୍କ ସହାୟତା କରିଥିଲେ ଦାମ। କାରଣ ସେତେବେଳେ ଦାମ ଓ ଦାସଙ୍କ ମଧ୍ୟରେ ସମ୍ପର୍କ ସେତେଟା ଭଲ ନ ଥିଲା। ଏହାର ସୁଯୋଗ ନେଇ ସେ ବାଲିକୁଦା–ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ୍ ପାଇବାକୁ ସକ୍ଷମ ହୋଇଥିଲେ। ଦାସ ପଛରେ ପଡିଯାଇଥିଲେ। ଏହି ନିର୍ବାଚନରେ ଉମେଶ ସ୍ୱାଇଁ ବିଜେଡି ଛାଡି କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ମୁଦୁଲିଙ୍କଠାରୁ ହାରିଯାଇଥିଲେ। ରଘୁନନ୍ଦନ, ଉମେଶଙ୍କୁ ପଛରେ ପକାଇ ସାରିବା ପରେ ମୁଦୁଲିଙ୍କ ଆଗରେ ଥିଲେ ଆଉ ୨ ନେତା। ସେମାନେ ହେଲେ ଦାମ ଓ ବିଷ୍ଣୁ। ନିକଟରେ ଦାମଙ୍କୁ ସେ ଧରାଶାୟୀ କରିବାରେ ସଫଳ ହୋଇଛନ୍ତି। ତେଣୁ ଆଗକୁ ସେ ବିଷ୍ଣୁଙ୍କୁ ଟାର୍ଗେଟ କରିପାରନ୍ତି। ଅନ୍ୟପକ୍ଷରେ ବିଷ୍ଣୁ ମଧ୍ୟ ଛୋଟିଆ ଖେଳାଳି ନୁହନ୍ତି। କାରଣ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସେ ତାଙ୍କର ବିକଳ୍ପ ସୃଷ୍ଟି କରିନାହାନ୍ତି। ଯିଏ ବି ପ୍ରାର୍ଥୀ ହେବେ ଦାସଙ୍କ ପାଖରେ ନ ପହଞ୍ଚି କିଛି କରିପାରିବେ ନାହିଁ। କେବଳ ଜଗତ୍‌ସିଂହପୁର ନୁହେଁ, ତିର୍ତ୍ତୋଲ ଓ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ ଦାସଙ୍କ ସଙ୍ଗଠନ ଅଛି। ବାଲିକୁଦା–ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀରେ କିନ୍ତୁ ବିଜେଡି ସ୍ଥିତି ଆଗଭଳି ନାହିଁ। କାରଣ ଏରସମା ବ୍ଲକ ଅଞ୍ଚଳରେ ମୁଦୁଲିଙ୍କ ପ୍ରଭାବ ଯଥେଷ୍ଟ କମିଛି। କଂଗ୍ରେସ ଓ ଭାଜପା ଭୋଟ ହାର ମଧ୍ୟ ବଢୁଛି। ଦାମ ମଧ୍ୟ ତାଙ୍କଠାରୁ କୌଣସି ପ୍ରକାରେ ପ୍ରତିଶୋଧ ନେବା ଅପେକ୍ଷାରେ ଅଛନ୍ତି। ଏ ପରିସ୍ଥିତିରେ ସେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି। ଯେହେତୁ ଦାସଙ୍କ ବିନା ମୁଦୁଲି ପାଦଟିଏ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳିରେ ଆଗେଇ ପାରିବେ ନାହିଁ, ତେଣୁ ନିକଟ ଭବିଷ୍ୟତରେ ସେ ଦାସଙ୍କୁ ଟାର୍ଗେଟ୍ କରି ନ ପାରନ୍ତି। କିନ୍ତୁ ତଥାପି କିଛି କହି ହେଉନାହିଁ। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୯ରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ ଜଗତ୍‌ସିଂହପୁରରେ ମେଗା ରକ୍ତଦାନ ଶିବିର ହୋଇଥିଲା। ବିଷ୍ଣୁ ଏହାର ଦାୟିତ୍ୱ ନେଇଥିଲେ ଓ ସବୁ ନିର୍ବାଚନମଣ୍ଡଳୀରୁ ଲୋକ ଆଣିବାକୁ ସେ ନେତାମାନଙ୍କୁ କହିଥିଲେ। କିନ୍ତୁ ମୁଦୁଲି ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଫଳରେ ବାଲିକୁଦା–ଏରସମା ନିର୍ବାଚନମଣ୍ଡଳୀରୁ ଲୋକ ଆସି ନ ଥିଲେ। ଏହାକୁ ନେଇ ବିଷ୍ଣୁ ଅସନ୍ତୁଷ୍ଟ ଥିଲେ। ସେହିପରି ଏପ୍ରିଲ ୧ ଉତ୍କଳ ଦିବସ ଓ ଜିଲା ମହୋତ୍ସବ କଲ୍ଲୋଳରେ ମୁଦୁଲିଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଦାସଙ୍କୁ ଏହା ହଜମ ହୋଇ ନ ଥିଲା। ସେ ଉପରମୁଣ୍ଡରେ ଚାପ ପକାଇ ମୁଦୁଲିଙ୍କ ବଦଳରେ ମନ୍ତ୍ରୀ ବିକ୍ରମ ଆରୁଖଙ୍କୁ ମୁଖ୍ୟ ଅତିଥି କରାଇଥିଲେ। ଏନେଇ ମୁଦୁଲି ଖପ୍ପା ହେବା ସହ ଦାସଙ୍କୁ ପାନେ ଦେବା ପାଇଁ ଯୋଜନା କରିଥିବା ଆଲୋଚନା ହେଉଥିଲା। ଜିଲା ଓକିଲ ସଂଘ ନିର୍ବାଚନରେ ଏଭଳି କିଛି ଆଭାସ ପଦାକୁ ଆସିଥିଲା। କାରଣ ଏହି ନିର୍ବାଚନରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ସଭାପତି ଜିତିଥିବା ବେଳେ ଅନ୍ୟ ଅଧିକାଂଶ ପଦବୀ ବିଜେଡି ସମର୍ଥିତଙ୍କ ଦଖଲକୁ ଯାଇଥିଲା। ବିଜେଡି ସମର୍ଥିତଙ୍କ ସଂଖ୍ୟା ଅଧିକ ଥିବାବେଳେ କଂଗ୍ରେସ ପ୍ରାର୍ଥୀ ସଭାପତି ହେବା ନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। କୁହାଯାଉଥିଲା ଯେ, ମୁଦୁଲିଙ୍କ ସମର୍ଥିତ ଓକିଲମାନେ କୁଆଡେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ଅତୀତରେ ଏଭଳି ଅନେକ ଘଟଣା ସେମାନଙ୍କ ଭିତରେ ଦୂରତା ବୃଦ୍ଧି କରିଥିଲା। ଏବେ ଦାମଙ୍କୁ ନେଇ ସେମାନେ ନିକଟତର ହୋଇଛନ୍ତି। ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ ମଧ୍ୟ ସେମାନଙ୍କୁ ବାନ୍ଧି ରଖିଛି। ଆଗକୁ ଦେଖିବାର ଅଛି ସେମାନେ ଏକାଠି ଦଳୀୟ କାର୍ଯ୍ୟକୁ କିପରି ଆଗେଇ ନେଉଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୬/୨୦୧୮ Bhubaneswar, Sunday, September 16/ 2018

### ପାରାଦୀପରେ ବିଜେଡି ମଙ୍ଗ ଧରିବ କିଏ

# ଦେବାଶିଷ, କୁଳମଣି, ବସନ୍ତ, ସନ୍ତୋଷ ନା ସମ୍ବିତ

ପାରାଦୀପ,୧୫।୯(ସ୍ୱ.ପ୍ର.)

- ବିରୋଧୀ ଦଳ ସହ ଦାମଙ୍କୁ ବି ଟକ୍କର ଦେବାର ଦକ୍ଷତା ଲୋଡ଼ା
- କେବଳ ପାରାଦୀପ ନୁହେଁ, କୁଜଙ୍ଗରେ ବି ପତିଆରା ଆବଶ୍ୟକ
- ଅନୁଧ୍ୟାନ କରୁଛନ୍ତି ପର୍ଯ୍ୟବେକ୍ଷକ, ଦାମଙ୍କଠାରୁ ଦୂରେଇଲେଣି ପାଖ ଲୋକ

ବରିଷ୍ଠ ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯିବା ପରେ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳର ମଙ୍ଗ କିଏ ଧରିବ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ତେବେ ପ୍ରାର୍ଥୀ ଯିଏ ହେଉନା କାହିଁକି, ଏଠାରେ ବିରୋଧୀ ଭାଜପା ଓ କଂଗ୍ରେସର ନେତୃତ୍ୱକୁ ଟକ୍କର ଦେବା ସହ ସେ ଦାମଙ୍କୁ ମଧ୍ୟ ମୁକାବିଲା କରିବାର କ୍ଷମତା ରଖିବା ଆବଶ୍ୟକ। ନଚେତ ଦଳ ଧରାଶାୟୀ ହେବାର ଆଶଙ୍କା ରହିଛି। ଏଥିପାଇଁ ଅନେକ ଆଶାୟୀଙ୍କ ନାମ ଆଲୋଚନାର ପରିସରକୁ ଆସୁଥିବାବେଳେ କଟକ ସଦର ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ନାମ ସବୁଠାରୁ ଆଗରେ ରହିଛି। କିନ୍ତୁ କଟକ ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳ ଚିଟ୍‌ଫଣ୍ଡ ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇ ନିଜ ପତିଆରା ହରାଇଥିବାରୁ ଦେବାଶିଷ ନିଜ ସ୍ଥାନରେ ଅଧିକ ସୁରକ୍ଷିତ ଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ସେ କଟକ ଛାଡ଼ି ପାରାଦୀପ ନ ଆସି ପାରନ୍ତି। ଦେବାଶିଷଙ୍କ ପରେ ଏମପି କୁଳମଣି ସାମଲ ଅନ୍ୟତମ ଦାବିଦାର ଭାବେ ଆଲୋଚନାକୁ ଆସୁଛନ୍ତି। ସେ ଜଣେ ନିର୍ବିବାଦୀୟ ନେତା। ତାଙ୍କ ନିଜ ଘର କୁଜଙ୍ଗ। ଡାକ୍ତରୀ ଜୀବନରେ ସେ ଲୋକପ୍ରିୟ ଥିଲେ। ଦାମଙ୍କ ସହ ମଧ୍ୟ ତାଙ୍କର ଭଲ ସମ୍ପର୍କ। ସେ ପ୍ରାର୍ଥୀ ହେଲେ ଦାମ ତାଙ୍କ ବିରୋଧରେ ଯୁଦ୍ଧକୁ ଓହ୍ଲାଇବେ କି ନାହିଁ ତାହା ସମୟ କହିବ। କିନ୍ତୁ ରାଜନୈତିକ ଅଭିଜ୍ଞତା କ୍ଷେତ୍ରରେ କୁଳମଣି ସେତେଟା ସୁଦୃଢ଼ ନୁହନ୍ତି। ତେଣୁ ଏଠାରେ ବିଜେଡିର ଦୁଇ ବିରୋଧୀ କଂଗ୍ରେସ ଓ ଭାଜପାର ଦୃଢ଼ ନେତୃତ୍ୱକୁ ସେ ଟକ୍କର ଦେବା ସହଜ ନୁହେଁ। ସୂଚନାଯୋଗ୍ୟ, କଂଗ୍ରେସରୁ ଅରିନ୍ଦମ ସର୍ଖେଲ(ବାପି) ୨୦୧୪ ନିର୍ବାଚନରେ ଏଠାରେ ପ୍ରାର୍ଥୀ ହୋଇ ସେତେବେଳର ହେଭିୱେଟ୍ ନେତା ଦାମଙ୍କୁ କଡ଼ା ଚ୍ୟାଲେଞ୍ଜ ଦେବା ସହ ୪୭ ହଜାର ଭୋଟ୍ ପାଇଥିଲେ। ସେହିପରି ଭାଜପା ୨୦୧୪ ନିର୍ବାଚନରେ ଯଦିଓ ସେଭଳି ଆଶାଜନକ ଭୋଟ୍ ପାଇ ନ ଥିଲା, ତେବେ ଏହା ପରଠାରୁ ଦଳ ମଝଭୁତ ହୋଇଛି। ୨୦୧୫ ପୌର ନିର୍ବାଚନରେ ପ୍ରଥମ କରି ଗୋଟିଏ ଆସନ ପାଇବା ସହ ଦ୍ୱିତୀୟ ସର୍ବାଧିକ ଭୋଟ୍ ପାଇଥିଲା। ପଞ୍ଚାୟତ ନିର୍ବାଚନରେ ମଧ୍ୟ ୨ଟି ଜିଲା ପରିଷଦ ଜୋନ ହାତେଇବାରେ ଭାଜପା ସକ୍ଷମ ହୋଇଛି। ତେଣୁ ଏହି ଦୁଇ ଦଳକୁ ସାମ୍ନା କରିବାକୁ ହେଲେ ସ୍ଥାନୀୟ ନେତା ଆବଶ୍ୟକ।

ଏପରିସ୍ଥଳେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନାଁ ଚର୍ଚ୍ଚାକୁ ଆସୁଛି। ସେ ଉଚ୍ଚ ଶିକ୍ଷିତ। ଅମାୟିକ ବ୍ୟବହାର ଓ ସାଂଗଠନିକ ଦକ୍ଷତାରେ ବେଶ ଅଭିଜ୍ଞ। ଦାମଙ୍କ ପାଖ ଲୋକ ଭାବେ ଜଣାଶୁଣା ହୋଇଥିବାରୁ ସେ ପ୍ରାର୍ଥୀ ହେଲେ ଦାମଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇପାରେ। କିନ୍ତୁ ପାରାଦୀପକୁ ଛାଡିଦେଲେ କୁଜଙ୍ଗ ବ୍ଲକରେ ବସନ୍ତଙ୍କର ଆଧିପତ୍ୟ ନାହିଁ। ସେହିପରି ଅନ୍ୟ ଜଣେ ଦାବିଦାର ହେଲେ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ। କିଛିବର୍ଷ ହେଲା ସେ ବିଜେଡିର ଜୀବନବିନ୍ଦୁ କାର୍ଯ୍ୟକ୍ରମ, ମହାନଦୀ ବଞ୍ଚାଅ ଅଭିଯାନ ଆଦି କାର୍ଯ୍ୟକ୍ରମ କରି ହଟଚମଟ ସୃଷ୍ଟି କରିଛନ୍ତି। ଜିଲା ବିଜେଡି ସଭାପତି ବିଷ୍ଣୁ ଦାସଙ୍କ ଆଶୀର୍ବାଦ ମଧ୍ୟ ତାଙ୍କ ଉପରେ ରହିଛି। ସେ ଏକାଧିକ ସଂଗଠନର ପୁରୋଧା। କୁଜଙ୍ଗରେ ପୈତୃକ ଗ୍ରାମ ଥିବାରୁ ସନ୍ତୋଷ ପାରାଦୀପ କୁଜଙ୍ଗରେ ଜଣାଶୁଣା ନାମ। କିନ୍ତୁ ବିଧାୟକ ପ୍ରାର୍ଥୀ ଭାବେ ସେ ଲୋକଙ୍କ ପାଖରେ ଗ୍ରହଣୀୟ ହୋଇପାରିବେ କି ନାହିଁ ତାହା କହି ହେବ ନାହିଁ। ଏମାନଙ୍କ ବ୍ୟତିତ ଅନ୍ୟତମ ଦାବିଦାର ହେଉଛନ୍ତି ଦାମଙ୍କ ପୁତ୍ର ସମ୍ବିତ ରାଉତରାୟ। ଦାମ ବହିଷ୍କୃତ ହେବା ପରେ ସେ ନିର୍ବାଚନ ଲଢିବେ ବୋଲି କହୁଛନ୍ତି। ଏପଟେ ପୁଅ ଯଦି ବିଜେଡିରୁ ଟିକେଟ୍ ପାଆନ୍ତି ତେବେ ବାପ–ପୁଅଙ୍କ ଭିତରେ ଲଢେଇ ହେବ କି ନାହିଁ ତାହା ସମୟ କହିବ। ଅବଶ୍ୟ ସମ୍ବିତ ପ୍ରାର୍ଥୀ ହେଲେ ଦାମଙ୍କୁ ରୋକ୍ ଲଗାଯାଇପାରେ। କିନ୍ତୁ ସବୁ ବର୍ଗର ବିଜେଡି କର୍ମୀ ସମ୍ବିତଙ୍କୁ ଗ୍ରହଣ କରିବାକୁ ରାଜି ନୁହନ୍ତି। ଏମିତି ସ୍ଥିତିରେ ବିଜେଡିର କର୍ମୀଠାରୁ ଆରମ୍ଭ ପଦପଦବୀରେ ଥିବା ବ୍ୟକ୍ତି ବିଶେଷଙ୍କୁ ଦଳର ପକ୍ଷ୍ୟବେକ୍ଷକମାନେ ପ୍ରତି ମୁହୂର୍ତ୍ତରେ ଅନୁଧ୍ୟାନ କରୁଛନ୍ତି।




# ୬ ଶିଶୁ ଶ୍ରମିକଙ୍କୁ ଉଦ୍ଧାରକଲା ପୋଲିସ

ପାରାଦୀପ,୧୫।୯(ସ୍ୱ.ପ୍ର.)

ପାରାଦୀପ ପୋଲିସ ଶନିବାର ସହରର ବିଭିନ୍ନ ସ୍ଥାନରୁ ୬ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ସମସ୍ତଙ୍କ ବୟସ ୧୨ରୁ ୧୬ ବର୍ଷ ମଧ୍ୟରେ ହେବ। ସେହି ଶିଶୁମାନଙ୍କୁ ଜିଲା ଶିଶୁ ଯତ୍ନ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଛି। ଏହି ପିଲାମାନେ ହୋଟେଲ, ଗ୍ୟାରେଜରେ କାମ କରୁଥିଲେ। ସାଦା ପୋଷାକଧାରୀ ପୋଲିସ କର୍ମଚାରୀମାନେ ଦିନତମାମ ଚଢାଉ କରି ସେମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ଯେଉଁ ଦୋକାନୀମାନେ ଏଭଳି ୧୮ ବର୍ଷରୁ କମ ବୟସର ପିଲାମାନଙ୍କୁ କାମରେ ନିୟୋଜିତ କରିଥିଷଲ ସେମାନଙ୍କୁ ଚେତାବନୀ ଦିଆଯାଇଛି ବୋଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ କହିଛନ୍ତି।




# ଜମିରୁ ଛାଡୁନି ପାଣି, ବ୍ୟାପକ ଫସଲ ନଷ୍ଟ

କୁଜଙ୍ଗ,୧୫।୯(ସ୍ୱ.ପ୍ର.)

ଗତ ସପ୍ତାହରେ ହୋଇଥିବା ଲଗାଣ ବର୍ଷା ଯୋଗୁ କୁଜଙ୍ଗ ବ୍ଲକର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ଇତିମଧ୍ୟରେ ଗାଁ ଭିତରୁ ବର୍ଷା ପାଣି ଛାଡିଯାଇଥିଲେ ମଧ୍ୟ ଚାଷଜମିଗୁଡିକ ପାଣିରେ ବୁଡ଼ି ରହିଛି। ଏଥିଯୋଗୁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଚାଷୀଙ୍କ ପାଖରେ ଆଉ ଧାନ ତଳି ପକାଇବା କିମ୍ବା ରୁଆ ପୋତା କରିବାକୁ ଆର୍ଥିକ ସମ୍ବଳ ନାହିଁ। ଫଳରେ ସେମାନେ ଚିନ୍ତାରେ ପଡିଛନ୍ତି ବୋଲି କହିଛନ୍ତି ଚାଷୀନେତା ଦେବେନ୍ଦ୍ର ପଟ୍ଟନାୟକ, ହରେକୃଷ୍ଣ ସେଠୀ ପ୍ରମୁଖ। ସୂଚନାଯୋଗ୍ୟ, ପ୍ରଥମେ ଅଭାବି ବର୍ଷା ଯୋଗୁ ତଳି ଘେରା ବହୁ ପରିମାଣରେ ନଷ୍ଟ ହୋଇଥିଲା। ତେଣୁ ଚାଷୀମାନେ ବହୁ କଷ୍ଟ କରି ନିଜ ଉଦ୍ୟମରେ ତଳି ଘେରା କରି ଖାଲୁଆ ଜମିରେ ଧାନ ରୁଆ କାର୍ଯ୍ୟ ସାରି ଦେଇଥିଲେ। ସେ ସବୁ ଜମିରେ ଫସଲ ଭଲ ହୋଇଥିଲା। ଧାନ ଥୋଡ ବାହାରିବାକୁ ଥିବାବେଳେ ଚାଷୀମାନେ ୨ୟବାର ସାର ପ୍ରୟୋଗ କରିସାରିଥିଲେ। ତେଣୁ ଚଳିତବର୍ଷ ମୋଟାମୋଟି ଭାବେ ଭଲ ଫସଲ ହୋଇଥିଲା। କିନ୍ତୁ ଏ ପରିସ୍ଥିତିରେ ଲଗାଣ ବର୍ଷା ଦାଉ ସାଧିଲା। ଏହି ଅବସରରେ ପଙ୍କପାଳ ପଞ୍ଚାୟତ ରେଳ ଲାଇନର ଗରେଇ ବିବଛପୁର ପାର୍ଶ୍ୱ, ରୋହିପାଟ ଅଞ୍ଚଳ ଜଳମଗ୍ନ ହୋଇପଡିଥିବା ବେଳେ ଜନାପାଳ, ବଣିକୁନ୍ଦ ଅଞ୍ଚଳର ବହୁ ଫସଲ ନଷ୍ଟ ହୋଇଛି। ସେହିପରି ପାଟପୁର ପଞ୍ଚାୟତର ବଉଳାଙ୍ଗ, ବାଲିପାରୀ, କୋଠି, ବଗଦିଆ ଆଦି ଅଞ୍ଚଳରେ ଫସଲ ହାନୀ ହୋଇଛି। ଅଗପାଳ ପଞ୍ଚାୟତର ନଦୀପଠାରେ ମଧ୍ୟ ବନ୍ୟା ଜଳ ଓ ଲଗାଣ ବର୍ଷା ଯୋଗୁ ବହୁ ଫସଲ ହାନୀ ଘଟିଛି। ଏହି ବିଷୟରେ କୃଷି ବିଭାଗ ଓ ରାଜସ୍ୱ ବିଭାଗ ଅନୁଧ୍ୟାନ କରି ତୁରନ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିବାକୁ ପଙ୍କପାଳ ସରପଞ୍ଚ ମିନାକ୍ଷୀ ଦାସ, ସମିତିସଭ୍ୟ ଅକ୍ଷୟ ସାହୁ, ପଙ୍କପାଳ ସମବାୟ ସମିତି ସଭାପତି ନିକୁଞ୍ଜ ଚୌଧୁରୀ, ନାଏବ ସରପଞ୍ଚ କିଶୋର ପରିଡା ପ୍ରମୁଖ ଦାବି କରିଛନ୍ତି।

# ବେଆଇନ ଆଡ଼ିବନ୍ଧ ଜଳ ନିଷ୍କାସନରେ ବାଧକ

ତିର୍ତ୍ତୋଲ,୧୫।୯ (ଡି.ଏନ.ଏ.)

ଲଗାଣ ବର୍ଷାରେ ତିର୍ତ୍ତୋଲ ବ୍ଲକ ଅଧୀନ କଟରା, ଗରାମ ଓ ପଟିଲୋ ପଞ୍ଚାୟତର ଶହ ଶହ ଏକର ଚାଷ ଜମି ଜଳାର୍ଣ୍ଣବ ହୋଇରହିଥିଲା। ହଂସୁଆ ନଦୀରେ ଏହି ଉଦବୃତ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ପରିସ୍ଥିତି ଅଧିକ ଜଟିଳ ହୋଇପଡିଛି। ଏବେ ଏହି ନଦୀର ନାଲିବରଠାରୁ ବେଗୁନିଆ ପର୍ଯ୍ୟନ୍ତ ବେଆଇନ ଆଡିବନ୍ଧ କରି ଲୋକମାନେ ମାଛ ଧରୁଥିବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଫଳରେ ଶହ ଶହ ଏକର ଚାଷ ଜମିରେ ଧାନ ଫସଲ ପାଣିରେ ବୁଡି ରହି ନଷ୍ଟ ହେବାକୁ ବସିଲାଣି। କଟରା ପଞ୍ଚାୟତର କଟରା, ମର୍ଦ୍ଦଳ, ଦୁର୍ଦ୍ଦା, ଧୁଷାଲୋ, ବନ୍ଧାଲୋ, ଜଜାଙ୍ଗ, ଇଟାଙ୍ଗ, ବେଗୁନିଆ, ସୁସଙ୍ଗ, ଗୋପାଳପୁର, କୋରକୋର, ପଟିଲୋ ପଞ୍ଚାୟତର ଅଢଙ୍ଗ, ସେଉଳ, ପଟିଲୋ, ବଡିଜଙ୍ଗା, ଭାରିଷାଲୋ, ନନ୍ଦନ, ଧୋତି ଓ ଗରାମ ପଞ୍ଚାୟତର ରଙ୍କେଇ, ସାରୋଳ ପ୍ରଭୃତି ଗ୍ରାମର ଚାଷୀମାନେ ଏହା ଦ୍ୱାରା ବିଶେଷ ପ୍ରଭାବିତ ହୋଇଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଡ୍ରେନେଜ ବିଭାଗରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। କୌଣସି ପ୍ରଶାସନିକ ଅଧିକାରୀ ଏସବୁ ଅଞ୍ଚଳ ପରିଦର୍ଶନ କରି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ଦୀର୍ଘବର୍ଷ ଧରି ଲାଗି ରହିଥିଲେ ମଧ୍ୟ ପ୍ରଶାସନିକସ୍ତରରେ ଏହାର ପ୍ରତିକାର କରାଯାଉନାହିଁ। ଚାଷୀମାନେ ବହୁ ଶ୍ରମ ଓ ଅର୍ଥ ବ୍ୟୟ କରି ଧାନଚାଷ କରିଆସୁଥିଲେ ହେଁ କ୍ରମାଗତ ଫସଲ ନଷ୍ଟ ହେଉଥିବା ଯୋଗୁ ସେମାନେ ହତାଶ ହୋଇପଡିଛନ୍ତି। ଧାନ ଫସଲ ଜନିତ ଋଣ ପରିଶୋଧ କରିବାରେ ସେମାନେ ଅକ୍ଷମ ହେଉଛନ୍ତି। ଜଳ ନିଷ୍କାସନକୁ ନେଇ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଜିଲା ପ୍ରଶାସନ, କୃଷି ବିଭାଗ, ଡ୍ରେନେଜ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଏଥିରେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ପ୍ରଭାବିତ ଧାନ ଫସଲ ଅଞ୍ଚଳ ପରିଦର୍ଶନ କରି ଚାଷୀଙ୍କୁ କ୍ଷୟକ୍ଷତି ପ୍ରଦାନ କରିବାକୁ ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଦାବି କରାଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
- ଆରିଷ୍ଟଟଲ

## ସଂକ୍ଷେପରେ

### ସର୍ପ ଦଂଶନରେ ଯୁବକଙ୍କ ମୃତ୍ୟୁ

ବିଞ୍ଝାରପୁର,୧୫।୯(ଡିଏନଏ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ବାବୁଗୋସେଇଁପାଟଣା ଗ୍ରାମର ଭରତ ସେଠୀ(୪୦) ଶୁକ୍ରବାର ରାତିରେ ସର୍ପାଘାତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଭରତ ଶୁକ୍ରବାର ରାତିରେ ଶୋଇଥିବା ବେଳେ ତାଙ୍କ ଗୋଡ଼କୁ ଏକ ନାଗ ସାପ ଦଂଶନ କରିଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଯାଜପୁର ମୁଖ୍ୟଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ସିକ୍ୟୁରିଟି ଗାର୍ଡଙ୍କୁ ଯୁବକଙ୍କ ମାଡ଼ ଅଭିଯୋଗ

ବିରଜାକ୍ଷେତ୍ର,୧୫।୯(ଡି.ଏନ୍.ଏ): ଯାଜପୁରରେ ନୂତନ ଭାବେ ପ୍ରସୂତୀ ଓ ଶିଶୁରୋଗ ପାଇଁ ଖୋଲାଯାଇଥିବା ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ରରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କୁ ଜଣେ ଯୁବକ ମାଡ଼ ମାରିଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶନିବାର ସକାଳୁ ସିକ୍ୟୁରିଟି ଗାର୍ଡ ସାଗର ରଶ୍ମି ପଣ୍ଡା ଡାକ୍ତରଖାନା ମୁଖ୍ୟ ଫାଟକ ନିକଟରେ କାର୍ଯ୍ୟରତ ଥିଲେ। ଏହି ସମୟରେ ବରାହନାଥ ଅଞ୍ଚଳର ଜୀବନ ପଣ୍ଡା ନାମକ ଯୁବକ ଡାକ୍ତରଖାନା ଭିତରକୁ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଦାୟିତ୍ୱରେ ଥିବା ସିକ୍ୟୁରିଟି ସାଗର ରଶ୍ମି ଯୁବକକୁ ଅଟକାଇ ତନଖି କରିଥିଲେ। ଏଥିରେ ଜୀବନ ଉତ୍ତ୍ୟକ୍ତ ହୋଇ ସିକ୍ୟୁରିଟି ଗାର୍ଡଙ୍କୁ ମାଡ଼ ମାରିଥିଲେ। ଏନେଇ ସାଗର ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

■ କଂଗ୍ରେସର ଉତ୍ଥାନ: ଚିନ୍ତାରେ ବିଜେଡି, ଭାଜପା

# ନୂଆ ସମୀକରଣକୁ ନେଇ ଚର୍ଚ୍ଚା

ରତ୍ନଗିରି,୧୫।୯(ଡି.ଏନ.ଏ.)

ନୂତନ ପିସିସି ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକ ଯୋଗଦେବା ପରେ ବିଗତ ଦିନରେ ସ୍ଥାଣୁ ପାଲଟିଥିବା ବରୀ କଂଗ୍ରେସର ଉତ୍ଥାନ ହୋଇଥିବା ଜଣାପଡିଛି। ସେହିପରି ଯୁବ ନେତା ଉମେଶ ଜେନାଙ୍କ ନେତୃତ୍ୱରେ କର୍ମୀମାନେ ଏକତ୍ରିତ ହୋଇ ତୈଳଦର ବୃଦ୍ଧି ପ୍ରତିବାଦକୁ ସଫଳ କରିବା ପରେ ସେମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଉଛି । ବରୀ କଂଗ୍ରେସ ତରଫରୁ ପିସିସି ସଭାପତି ଶନିବାର ଯାଜପୁର ଜିଲା ଗସ୍ତରେ ଆସିବା ପରେ ବରୀ ବିଜେଡି ଓ ଭାଜପାକୁ ଚିନ୍ତାରେ ପକାଇଛି। ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ ଶାସକ ଦଳର ବିଧାୟକ ଦେବାଶିଷ ନାୟକ ୬୦,୦୮୦ ଭୋଟ ପାଇଥିବାବେଳେ ବିଶ୍ୱ ମଲ୍ଲିକ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ୫୨,୭୨୯ ଭୋଟ ପାଇ ମାତ୍ର ୭୩୫୧ ଭୋଟରେ ପରାଜିତ ହୋଇଥିଲେ । ଅପରପକ୍ଷରେ ଭାଜପା ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ ୯୪୦୭ ଭୋଟ ପାଇ ତୃତୀୟ ସ୍ଥାନରେ ଥିବାବେଳେ ଜାତୀୟ କଂଗ୍ରେସ ପ୍ରାର୍ଥୀ ଗଗନ ବିହାରୀ ଜେନା ୭୮୧୩ ଭୋଟ ପାଇଥିଲେ । ପରବର୍ତ୍ତୀ ଅବସ୍ଥାରେ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରି ବିଜେଡି ଓ ଭାଜପାକୁ ସହଯୋଗ କରିଥିବା କର୍ମୀମାନେ ଆଗାମୀ ସାଧାରଣ ନିର୍ବାଚନରେ ବିଜୟ ଲାଭ କରିବାର ଆଶା ରଖି ପୁନର୍ବାର ଦଳରେ ସାମିଲ ହୋଇଥିବା ଜଣାପଡିଛି । ତୈଳଦର ବୃଦ୍ଧି ପ୍ରତିବାଦ ଘଟଣାରେ ଏହା ଦେଖିବାକୁ ମିଳିଥିଲା । ଗତ ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ହାତରୁ ସ୍ୱାଧୀନ ସଙ୍ଗଠନ ସମିତି ଅଧ୍ୟକ୍ଷା ପଦବୀ ଛଡାଇ ନେଇଥିଲା । ରାଜନୈତିକ ତିକ୍ତତା ଯୋଗୁ ଅଦ୍ୟାବଧି ବରୀ ତହସିଲ, ବରୀ ବ୍ଲକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରୀ ଥାନା, ବରୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଓ କୃଷି ବିଭାଗରେ ସ୍ଥାୟୀ ଅଧିକାରୀ ନିଯୁକ୍ତି ପାଇନାହାନ୍ତି । ଆଗାମୀ ସାଧାରଣ ନିର୍ବାଚନରେ କଂଗେସ କି ପ୍ରକାର ଭୂମିକା ଗ୍ରହଣ କରିବ ତାହା ସମୟ କହିବ । ବରୀ କଂଗ୍ରେସ ତରଫରୁ ନୂତନ ଓ ଯୁବ ପ୍ରାର୍ଥୀ ନିର୍ବାଚନ ଲଢିଲେ ଶାସକ ଦଳ ଓ ଭାଜପାକୁ କଡା ଟକ୍କର ଦେଇ ପାରିବେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ବ୍ୟକ୍ତ କରିଛନ୍ତି ।

**ବରୀ ବ୍ଲକ**



■ ରାଜନୈତିକ ତିକ୍ତତା ଯୋଗୁ ନିଯୁକ୍ତି ପାଇନାହାନ୍ତି କେତେଜଣ ସ୍ଥାୟୀ ଅଧିକାରୀ

■ ଆସନ୍ତା ନିର୍ବାଚନ ପାଇଁ ଦଳ ପକ୍ଷରୁ ପ୍ରସ୍ତୁତି

## ଅନ୍ତର୍ଜାତୀୟ ହ୍ୟାଣ୍ଡବଲ୍ ଆସୋସିଏଶନ୍ ଦଳରେ ବିପ୍ଲବ

ଛତିଆ,୧୫।୯(ଡି.ଏନ୍.ଏ): ଛତିଆ ଅନ୍ତର୍ଗତ ଅମରାବତୀ ପାଟଣାର ପ୍ରଫୁଲ୍ଲ ବିଶ୍ୱାଳଙ୍କ ପୁଅ ବିପ୍ଲବ ଯାଜପୁର ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍‌ରେ ୧୮ ବର୍ଷରୁ କମ୍ ହ୍ୟାଣ୍ଡବଲ ଆସୋସିଏଶନ ଦଳରେ ସ୍ଥାନ ପାଇଛନ୍ତି। ସେ କିଛି ବର୍ଷ ହେବ ଦିଲ୍ଲୀରେ ପ୍ରଶିକ୍ଷଣ ନେଉଥିଲେ । ଛତିଆରେ କ୍ରୀଡା ପାଇଁ କୌଣସି ଭିତ୍ତି ଭୂମି ନ ଥିଲେ ମଧ ବିପ୍ଲବ ଏଭଳି ସଫଳତା ହାସଲ କରି ଯାଜପୁର ଜିଲା ପାଇଁ ଗୌରବ ଆଣିଦେଇଛନ୍ତି। ତାଙ୍କ ଏଭଳି ସଫଳତା ପାଇଁ ଛତିଆ ସମେତ ଯାଜପୁର ଜିଲାରେ ଆନନ୍ଦର ଲହରି ଖେଳିଯାଇଛି । ଯାଜପୁର ଜିଲା ହ୍ୟାଣ୍ଡବଲ୍ ମୁଖ୍ୟ ତଥା ସମ୍ପାଦକ ରମେଶ ପୃଷ୍ଟିଙ୍କ ପ୍ରୋତ୍ସାହନରେ ସେ ସଫଳତା ପାଇଛନ୍ତି ବୋଲି ତାଙ୍କ ବାପା ପ୍ରକାଶ କରିଛନ୍ତି । ବିପ୍ଲବ ଯାଜପୁର ପାଇଁ ଗର୍ବ ଓ ଗୌରବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଜୋର୍ଡାନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଜୁନିୟର ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ପ୍ରଥମ ଓଡ଼ିଆଭାବେ ବିପ୍ଲବ ସ୍ଥାନ ପାଇଛନ୍ତି। ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତା ଓ କ୍ରୀଡାପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ବିପ୍ଲବ ବିଶ୍ୱାଳ

## ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା ଅଭିଯାନ





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଇନ୍ଦିରା ଗାନ୍ଧି ମହିଳା ମହାବିଦ୍ୟାଳୟ ଓ ଭିଏନ୍ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟ କର୍ମଚାରୀ।

### ଗଣବିକ୍ଷୋଭରେ ପୁଲିନଙ୍କ ଶକ୍ତି ପ୍ରଦର୍ଶନ



ବିରଜାକ୍ଷେତ୍ର,୧୫।୯(ଡି.ଏନ୍.ଏ): ଯାଜପୁର ଜିଲା କଂଗ୍ରେସର ବିଶାଳ ଗଣବିକ୍ଷୋଭରେ ଶନିବାର ପୁଲିନଙ୍କ ଶକ୍ତି ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଯାଜପୁର ନିର୍ବାଚନମଣ୍ଡଳୀ ଦଶରଥପୁର ବ୍ଲକ ରାମବାଗର ଯୁବନେତା ପୁଲିନ ପ୍ରକାଶ ପୁହାଣ ରାମବାଗଠାରୁ ଏକ ବିରାଟ ମୋଟର ସାଇକେଲ ଦୀର୍ଘ ୭ କି.ମି. ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ । ପୁଲିନ ମୋଟରସାଇକେଲ ଶୋଭାଯାତ୍ରା ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ପୁଲିନ ଗତ କିଛିମାସ ଧରି ଯାଜପୁର ନିର୍ବାଚନମଣ୍ଡଳୀର ଦଶରଥପୁର ଓ ଯାଜପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି କଂଗ୍ରେସ ସଙ୍ଗଠନକୁ ତୃଣମୂଳସ୍ତରରୁ ସଜାଡ଼ି ସଙ୍ଗଠନକୁ ଦୃଢ଼ କରିବାରେ ଲାଗିପଡ଼ିଥିବା ଦେଖିବାକୁ ମିଳିଛି। ଯାହାକି ବିରୋଧୀଙ୍କ ଚିନ୍ତା ବଢ଼ାଇ ଦେଇଛି।

### ପାରିତୋଷିକ ନୁହେଁ, ଦରମା ପାଇଁ ଆଶାକର୍ମୀଙ୍କ ଦାବି

ବିରଜାକ୍ଷେତ୍ର,୧୫।୯(ଡି.ଏନ୍.ଏ): ନିକଟରେ ପ୍ରଧାନମନ୍ତ୍ରୀ ଆଶାକର୍ମୀଙ୍କ ପାରିତୋଷିକ ଦ୍ୱିଗୁଣିତ କରିଥିବା ବେଳେ ଏହାକୁ ଯାଜପୁର ଜିଲା ଆଶାକର୍ମୀ ପ୍ରତ୍ୟାଖ୍ୟାନ କରିଛନ୍ତି। ପାରିତୋଷିକ ନୁହେଁ, ଆଶାକର୍ମୀଙ୍କୁ ମାସିକ ବେତନ ଦିଆଯାଉ ବୋଲି ସଂଘ ଦାବି କରିଛି। ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ଲାଗୁ କରାଯିବା ସହ ସେମାନଙ୍କ ଦରମା କେନ୍ଦ୍ର ଓ ରାଜ୍ୟ ସରକାର ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବଢ଼ାଉଥିବା ବେଳେ ଆଶାକର୍ମୀଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ଆଶାର୍କମୀମାନେ ଦିନରାତି କାର୍ଯ୍ୟରେ ନିୟୋଜିତ ହେଉଥିଲେ ମଧ ସେମାନଙ୍କ ପ୍ରତି କେନ୍ଦ୍ର ସରକାର ଅବିଚାର କରୁଛନ୍ତି ବୋଲି ସଂଘ ସଭାପତି ଅବନ୍ତି ସାମଲ, ସମ୍ପାଦକ ରଞ୍ଜୁଲତା ବେହେରା ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ଏ ସମ୍ପର୍କରେ ପୁର୍ନବିଚାର କରିବା ପାଇଁ ସଂଘ ନିବେଦନ କରିବା ସହ ଏକ ଦାବିପତ୍ର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଶନିବାର ପ୍ରଦାନ କରିଛନ୍ତି। ଯଦି ସରକାର ଆଶାକର୍ମୀଙ୍କ ଦାବିକୁ ଅଣଦେଖା କରନ୍ତି ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ସହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି, ସମ୍ପାଦକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

କଳିଙ୍ଗନଗର,୧୫।୯(ଡି.ଏନ୍.ଏ)

ଦାନଗଦୀ ବ୍ଲକ ଅର୍ନ୍ତଗତ ମଙ୍ଗଳପୁର ପଞ୍ଚାୟତରେ ଉନ୍ନତି ଯୋଜନାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥି ଭାବେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ଯୋଗଦେଇ ଏହି ପ୍ରକଳ୍ପକୁ ଶୁଭ ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନୂଆଗାଁ, ଖରଡି, ମଙ୍ଗଳପୁର, ତେଲିବାହାଳି ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ତେଲିବାହାଳି ଗୋଷ୍ଠୀ କେନ୍ଦ୍ର, ତେଲିବାହାଳି ପଡିଆରେ ଏକ ଶୌଚାଳୟ, ମଣ୍ଡପ ନିର୍ମାଣ, ନୂଆଗାଁ ଗୋଷ୍ଠୀ କେନ୍ଦ୍ର, ଖରଡିଠାରେ ମିଶନ ଶକ୍ତି ଭବନର ଶିଳାନ୍ୟାସ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ, ଉପାଧ୍ୟକ୍ଷ ସୁଧାଂଶୁ ଶେଖର ଭଞ୍ଜ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ସାମଲ, ମଙ୍ଗଳପୁର ସରପଞ୍ଚ ବିଳାଶିନୀ ମଳିକ, ସମିତି ସଭ୍ୟା ସୁଲତା ମଳିକ ବିଷ୍ଣୁ ମଳିକ, ଅଶୋକ ସାମଲ, ପ୍ରତାପ ସେଠୀ, ଉଦୟ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆଲୋକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରକଳ୍ପ ଶିଳାନ୍ୟାସ ଅବସରରେ ବିଧାୟକ ଓ ଅନ୍ୟମାନେ।

### ପିସିସି ସଭାପତିଙ୍କୁ ଚଣ୍ଡିଖୋଲରେ ସମ୍ବର୍ଦ୍ଧନା

ଚଣ୍ଡିଖୋଲ ,୧୫।୯(ଡ଼ି.ଏନ.ଏ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧି ନୀତି ବିରୋଧରେ ଶନିବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବୀ ବିଶ୍ୱାଳ, ପ୍ରଭାରୀ ରୁଦ୍ର ରାଜୁଙ୍କୁ ଗସ୍ତ ସମୟରେ ଚଣ୍ଡିଖୋଲ ଛକଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଶୁଭେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ସମନ୍ୱୟ କମିଟି ସଭାପତି ଫକିର ମୋହନ ବଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ସାମଲ, ଯାଜପୁର ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ସମ୍ପାଦକ ଚର୍ଚ୍ଚିତ ମାହାଲା, ଭାସ୍କର ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ପିସିସି ସଭାପତି, କାର୍ଯ୍ୟକାରୀ ସଭାପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## କରଦା ପଞ୍ଚାୟତ ପକ୍ଷରୁ ଚାରାରୋପଣ



ପୋଖରୀଆଡିରେ ବୃକ୍ଷରୋପଣ କରାଯାଉଛି।

କୋରେଇ,୧୫।୯(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ବର୍ତ୍ତମଣା ଗ୍ରାମର ସାପୁଆ ପୋଖରୀ ଆଡିରେ ଶନିବାର ଚାରାରୋପଣ କରାଯାଇଛି । ସରପଞ୍ଚ ଗଣେଷ ଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇଥିଲେ । ବଳରାମ ସାହୁ, ପିତାମ୍ବର ଦାସ, ରତ୍ନାକର ବେହେରା, ଘୁରୁଡ ମଳିକ, ବଟକୃଷ୍ଣ ପଣ୍ଡା, ରଘୁନାଥ ସାହୁ, ସୁରେନ୍ଦ୍ର ବାରିକ, ଇନ୍ଦ୍ରଜିତ ସାହୁ, ନାରାୟଣ ମୁଦୁଲି, ମେଘ ମଳିକ, ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟତମ ଅତିଥିଭାବେ କୋରାଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, ସମ୍ପାଦକ ବିରଞ୍ଚି ନାରାୟଣ ଖୁଣ୍ଟିଆ, ଶ୍ରୀକାନ୍ତ ରାୟ ପ୍ରମୁଖ ଯୋଗଦେଇ ଚାରାରୋପଣ କରିବା ସହ ଉପସ୍ଥିତ ଗ୍ରାମବାସୀଙ୍କୁ ଚାରାରୋପଣ ପାଇଁ ଉତ୍ସାହିତ କରିଥିଲେ।

### ଗଣେଶ ଭସାଣି ଆରମ୍ଭ

ବିରଜାକ୍ଷେତ୍ର,୧୫।୯(ଡି.ଏନ୍.ଏ)

ଯାଜପୁର ସହରରେ ଗୁରୁବାରଠାରୁ ଗଣେଶ ପୂଜା ଆରମ୍ଭ ହୋଇଥିଲା। ଶନିବାର ଗଣେଶ ଭସାଣି ଉତ୍ସବ ଆରମ୍ଭ ହୋଇଛି। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଯାଜପୁର ସହର ସମେତ ଆଖପାଖ ଅଞ୍ଚଳରେ ୭୦ରୁ ଊର୍ଦ୍ଧ୍ୱ ଗଣେଶ ମେଢ଼ ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଛନ୍ତି । ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଯାଜପୁର ସହରରେ ଗଣେଶ ଭସାଣି ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ସ୍ଥିର ଅନୁଯାୟୀ ଶନିବାର ଦାମବାବୁ ମେଡିକାଲ ନିକଟସ୍ଥ ଚାର୍ମିଂ କ୍ଲବ୍, ମଙ୍ଗଳା ମନ୍ଦିର ନିକଟସ୍ଥ ଭାଇ-ଭାଇ କ୍ଲବ୍ ଓ ସାନ ବଜାରର ଗଣେଶ ମେଢ଼ ଶନିବାର ଶୋଭାଯାତ୍ରାରେ ଯାଇ ବୈତରଣୀ ନଦୀ ଦେବୀଗଡ଼ା ଘାଟଠାରେ ବିଜର୍ସନ ହୋଇଥିଲା। ଭସାଣି ଉତ୍ସବ ପରିପ୍ରେକ୍ଷୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ସବ୍‌ଇନ୍ସପେକ୍ଟର ମାନସ ରଞ୍ଜନ ଚକ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

■ ପୋଲରୁ ଖସି ଯୁବକ ଗୁରୁତର ଘଟଣା

## ଜାତୀୟ ରାଜପଥରେ ଗ୍ରାମବାସୀଙ୍କ ଧାରଣା

ବାଲିଚନ୍ଦ୍ରପୁର,୧୫।୯(ସ୍ୱ.ପ୍ର)

୫ନଂ (କ) ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ବିରୂପା ନଦୀ ପୋଲ ଉପରେ ଥିବା ପାଦଚଲା ରାସ୍ତାରେ ସ୍ଲାବ୍ ନ ଥିବାରୁ ଶୁକ୍ରବାର ନାନପୁର ଗ୍ରାମର ଦିନବନ୍ଧୁ ଦଲେଇ ପୋଲ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ଏହାର ମରାମତି ଓ ସୁରକ୍ଷା ଦାବିରେ ଶନିବାର ନାନପୁର ଦଲେଇ ସାହିର ଲୋକେ ଜାତୀୟ ରାଜପଥର ନାନପୁରଠାରେ ଧାରଣାରେ ବସିଥିଲେ। ବାଲିଚନ୍ଦ୍ରପୁର ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଲୋକଙ୍କ ଦାବି ମୁତାବକ ପାଦଚଲା ରାସ୍ତାରେ ହୋଇଥିବା ଗର୍ତ୍ତ ବନ୍ଦ କରାଯାଇଥିଲା। ସେଠାରେ ଥିବା ଅନ୍ୟ ସ୍ଲାବଗୁଡ଼ିକୁ ନିର୍ମାଣ କରାଯିବା ପରେ ଧାରଣାକାରୀ ଧାରଣାରୁ ହଟିଥିଲେ। ସୂଚନା ଯେ, ନାନପୁରର ଦିନବନ୍ଧୁ ଦଲେଇ ଶୁକ୍ରବାର ସନ୍ଧ୍ୟାରେ ବାଲିଚନ୍ଦ୍ରପୁରରୁ ଫେରୁଥିବା ବେଳେ ନାନପୁର ବିରୁପା ନଦୀ ଉପରେ ହୋଇଥିବା ପୋଲ ରାସ୍ତାରେ ସ୍ଲାବ ଭାଙ୍ଗିଯାଇଥିବାରୁ ୨୦ ଫୁଟ୍ ତଳକୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି।



ନାନପୁରଠାରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

## 'ଚାଷୀଙ୍କ ଆର୍ଥିକ ବିକାଶ ନ ହେଲେ ଦେଶର ଅଗ୍ରଗତି ଅସମ୍ଭବ'

ବିରଜାକ୍ଷେତ୍ର,୧୫।୯(ଡି.ଏନ୍.ଏ)



ଗାନ୍ଧୀଛକଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ସଭାରେ ପିସିସି ସଭାପତିଙ୍କ ସହିତ ମଞ୍ଚାସୀନ ଅତିଥିବୃନ୍ଦ।

ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଗାନ୍ଧୀଛକଠାରେ ଏକ ବିଶାଳ ଗଣବିକ୍ଷୋଭ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ରାଜ୍ୟର ୮୦ଭାଗ ଚାଷୀଙ୍କ ଅର୍ଥନୈତିକ ବିକାଶ ନ ହେଲେ ରାଜ୍ୟ ତଥା ଦେଶର ବିକାଶ ଅସମ୍ଭବ ବୋଲି କହିଥିଲେ। ଏ ଶତାବ୍ଦୀର ସର୍ବବୃହତ୍ତ ଦୁର୍ନୀତି ରାଫେଲ ଯୁଦ୍ଧ ବିମାନ କିଣାରେ ହୋଇଛି ବୋଲି ପଟ୍ଟନାୟକ କହିଥିଲେ। ରାଫେଲ ଯୁଦ୍ଧ ବିମାନ ବିଦେଶରୁ କ୍ରୟ କରିବା ଦ୍ୱାରା ଦେଶରେ ୧ଲକ୍ଷ ୨୦ ହଜାର ଯୁବକ ନିଯୁକ୍ତି ହରାଇଛନ୍ତି ବୋଲି ପଟ୍ଟନାୟକ କହିଥିଲେ। ମୋଦି ସରକାରଙ୍କ କୁପରିଣାମ ପାଇଁ ଦେଶରେ ଏତେ ସଂଖ୍ୟକ ଯୁବକ ନିଯୁକ୍ତି ହରାଇଲେ। ରାଫେଲ ବିମାନ କିଣାରେ ଓଡ଼ିଶାରେ ମଧ ୪୦ହଜାର ଯୁବକ ନିଯୁକ୍ତି ହରାଇଲେ। ଓଡ଼ିଶା ସରକାର ବିକାଶର କଥା ଚିତ୍କାର କରୁଥିବାବେଳେ ଓଡ଼ିଶା ଆଜି ଦରିଦ୍ର୍ୟ ରାଜ୍ୟ ଭାବେ ସାରା ଭାରତବର୍ଷରେ ପରିଗଣିତ ହେଉଛି । ସ୍ୱାଭିମାନ ଓଡ଼ିଆ ଟଙ୍କିକିଆ ଚାଉଳରେ ନୁହଁ ରୋଜଗାରକ୍ଷମ ହେବା ଦରକାର ବୋଲି ପଟ୍ଟନାୟକ କହିଥିଲେ। ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯାଉ ନାହିଁ। ରାଜ୍ୟ ସରକାର ଚାଷୀଙ୍କ ଫସଲ କ୍ଷୟକ୍ଷତିର ବୀମାରାଶି ପ୍ରଦାନ କରୁନାହାନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ସରକାର ଆସିଲେ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇ ସେମାନଙ୍କ ଅର୍ଥନୈତିକ ବିକାଶ କରାଯିବ ବୋଲି କହିଥିଲେ। ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ଅଖିଳ ଭାରତ କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ରୁଦ୍ର ରାଜୁ, ଅଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ କାର୍ଯ୍ୟକାରୀ ସଭାପତି ଚିରଞ୍ଜିବୀ ବିଶ୍ୱାଳ, ଉପସଭାପତି ଶୁଭେନ୍ଦୁ ମହାନ୍ତି, ପଶ୍ଚିମବଙ୍ଗ ପ୍ରଭାରୀ ଶରତ ରାଉତ, ପୂର୍ବତନ ବିଧାୟକ କାଙ୍ଗାଳୀ ପଣ୍ଡା, ସୀତାକାନ୍ତ ମହାପାତ୍ର, ଅର୍ଜ୍ଜୁନ ଦାସ, ଚିନ୍ମୟ ବେଉରା, ସନ୍ତୋଷ ନନ୍ଦ, ଶିଶିର ନାୟକ, ଶ୍ରୀନାଥ ମିଶ୍ର, ଦିଗମ୍ବର କର, ମନୋଜ ମହାପାତ୍ର, ଉମେଶ ଜେନା, ବନ୍ଦିତା ପରିଡ଼ା, ଆରତୀ ଦେଓ, ବିଭୂତି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ତେବେ କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଥିବା ଗଣବିକ୍ଷୋଭ ସଭା ଦିନ ୧୦.୩୦ମି.ରେ ଆରମ୍ଭ ହେବାର ଥିଲା । ମାତ୍ର ଦୀର୍ଘ ୨ ଘଣ୍ଟା ପରେ ସଭା ଆରମ୍ଭ ହେବାରୁ କର୍ମୀମାନେ ସଭାସ୍ଥଳ ଛାଡ଼ି ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ଏହି ସଭାରେ ଜିଲା ଉପସଭାପତି ବିଷ୍ଣୁ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ସଭା ପୂର୍ବରୁ ନିରଞ୍ଜନ ପଟ୍ଟନାୟକଙ୍କୁ ସହରସ୍ଥିତ କିଆନାଳୀକୂଳ ଛକଠାରୁ ଏକ ବିରାଟ ପଦଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ନେତା ଓ କର୍ମୀମାନେ ପାଛୋଟି ଆଣିଥିଲେ। ସଭାପରେ ଅପରାହ୍ଣରେ ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ପଟ୍ଟନାୟକ ଉପରୋକ୍ତ କଥାକୁ ଦୋହରାଇ ଥିଲେ।



ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ
ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ।
- ଅଭିରାମ ପରମହଂସ



## ସଂକ୍ଷେପରେ

### ଗାଡ଼ି ଯାଞ୍ଚ, ଜରିମାନା ଆଦାୟ

ରସୁଲପୁର,୧୫।୯(ଡି.ଏନ୍.ଏ.)- ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରଠାରେ କୁଆଖିଆ ପୋଲିସ ପକ୍ଷରୁ ଶନିବାର ମୋଟରଗାଡି ଯାଞ୍ଚ କରାଯାଇଛି। ଯାଞ୍ଚବେଳେ ୪ ହଜାର ଟଙ୍କା ଜରିମାନା ପୋଲିସ ଆଦାୟ କରିଛି । ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ କୁଆଖିଆ ବଜାରର ଟ୍ରାଫିକ୍ ସମସ୍ୟାକୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ୩୮ଟି ବାଇକ୍ ଚେକିଂ କରାଯିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା । ଯାଞ୍ଚବେଳେ ବିଶୃଙ୍ଖଳିତ ଆଚରଣ ପାଇଁ ମଧ ପୋଲିସ କେତେଜଣ ଗାଡି ଚାଳକଙ୍କୁ ଅଟକାଇ ଜରିମାନା ଆଦାୟ କରିଥିଲା। ଏଏସ୍ଆଇ ଅମୂଲ୍ୟ କୁମାର ମିଶ୍ରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ଯାଞ୍ଚରେ ସହଯୋଗ କରିଥିଲେ।

### ଜନସେବା କେନ୍ଦ୍ରରୁ ଚୋରି

କୋରେଇ,୧୫।୯(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ରଗଡ଼ି ଛକରେ ଥିବା ଜନସେବା କେନ୍ଦ୍ର ସଟର ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଚୋରି କରିଥିବା କୋରେଇ ଥାନାରେ ଅଭିଯୋଗ ହୋଇଛି। କୋରାବନ୍ଧୀ ଗ୍ରାମର ସନ୍ଦୀପ କୁମାର ସେଠୀ ରଗଡ଼ି ଛକରେ ଏକ ଜନସେବା କେନ୍ଦ୍ର ଦେଇଛନ୍ତି। ଶୁକ୍ରବାର ରାତିରେ ସେ ଘରକୁ ଯିବା ପରେ କିଛି ଦୁର୍ବୃତ୍ତ କେନ୍ଦ୍ରର ସଟର ଭାଙ୍ଗି ଚୋରି କରିଥିଲେ। ଶନିବାର କୋରେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୧୮୮/୧୮) ରୁଜୁ କରି ତଦନ୍ତ ଜାରି ରଖିଛି।

### ବାଇକ୍‌ରୁ ପଡ଼ି ମହିଳା ଗୁରୁତର

ଛତିଆ,୧୫।୯(ଡି.ଏନ୍.ଏ)- ୧୬ ନଂ. ଜାତୀୟ ରାଜପଥ ଛତିଆ ଚଟିଘର ଛକ ନିକଟରେ ଶନିବାର ସକାଳେ ବାଇକ୍‌ରୁ ପଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଯାଜପୁରର ରୀନା ଦାସ। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲ ପଠାଇଥିଲେ। ଏକ ଦମ୍ପତି ବାଇକ୍ ଯୋଗେ ଯାଜପୁରରୁ ଜଗତପୁର ଅଞ୍ଚଳକୁ ଯାଉଥିଲେ। ହେଲେ ଅସାବଧାନତା ଯୋଗୁ ପଛରେ ବସିଥିବା ରୀନା ବାଇକ୍‌ରୁ ଖସି ପଡିଥିଲେ ।

### ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ

ବିରଜାକ୍ଷେତ୍ର,୧୫।୯(ଡି.ଏନ୍.ଏ)- ଯାଜପୁର ଥାନା ଖଣ୍ଡରା ପଞ୍ଚାୟତ ଅଧୀନ ବିଜିପୁର ଗ୍ରାମର ଜଣେ ଚାଷୀ ଦ୍ୱିଜବର ଦାସ(୮୨)ଙ୍କର ଶନିବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସେ ସକାଳେ ବିଲକୁ ଯାଇଥିଲେ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଲକୁ ଖୋଜିବାକୁ ଯାଇଥିଲେ। ବିଲରେ ପଡ଼ିଥିବାର ଦେଖି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିବା ସହ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହିଥିଲେ।

### ଜାରକା ଗଣେଶପୂଜା କମିଟି ପକ୍ଷରୁ ବାଦୀପାଲା

ଧର୍ମଶାଳା, ୧୫।୯(ଡି.ଏନ୍.ଏ.)- ଜାରକା ଗଣେଶ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ବାଦୀପାଲା ଆୟୋଜିତ ହୋଇଯାଇଛି। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ପାଲା ଗାୟିକା କୁମୁଦିନୀ ପଣ୍ଡା, କଳ୍ପନା ନାୟକ ଓ ସାଥୀମାନେ ବାଦୀପାଲା ପରିବେଷଣ କରିଥିଲେ । ପାଲା ସଂସ୍କୃତି ହ୍ରାସ ପାଉଥିବାବେଳେ ପୂଜା କମିଟି ଦ୍ୱାରା ଆୟୋଜିତ ବାଦୀପାଲାକୁ ସ୍ଥାନୀୟ ଲୋକମାନେ ଦେଖିବାର ସୁଯୋଗ ପାଉଥିବାରୁ କମିଟିକୁ ସାଧୁବାଦ ଜଣାଇଛନ୍ତି। ୧୩ରୁ ଆରମ୍ଭ ହୋଇଥିବା ଏହି ବାଦୀପାଲା ଆସନ୍ତା ୧୮ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହାଣୀ ସୂଚନା ଦେଇଛନ୍ତି।





ଚାର୍ମିଂ କ୍ଲବ ଓ ସାନବଜାରଠାରେ ଅନୁଷ୍ଠିତ ଭସାଣି ଉତ୍ସବ ।



ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତରେ ଭସାଣି ଉତ୍ସବ ।

## ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣା
# ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର ଲୋକେ

ରତ୍ନଗିରି/କୋରେଇ, ୧୫।୯(ଡି.ଏନ୍.ଏ/ସ୍ୱ.ପ୍ର.)

ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣାରେ ପରିବାର ଲୋକେ ଶନିବାର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ନ୍ୟାୟ ମାଗିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ପରିବାର ପକ୍ଷରୁ କୁହାଯାଇଛି । ବାପା ଅଭିରାମ ଧଳଙ୍କ ସହ ମା', ମାଉସୀ ଓ ଦୁଇ ଭାଇ ଯାଇଥିଲେ।

ପ୍ରକାଶ ଯେ, ଗତ ୯ ତାରିଖ ରାତିରେ ରୌପ୍ୟକାନ୍ତ ୫ ଜଣ ସାଙ୍ଗଙ୍କ ସହ ନିକଟସ୍ଥ ଏକ କୁକୁଡା ଫାର୍ମ ନିକଟରେ ଭୋଜି କରିଥିଲେ। ହେଲେ ସେ ଘରକୁ ନ ଫେରିବାରୁ ମାମୁଘର ଲୋକେ ନିଖୋଜ ହୋଇଥିବା ନେଇ ବରୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(୧୨/୧୮) ରୁଜୁ କରିଥିଲା। ୧୧ ତାରିଖରେ ବରୀ ଥାନା ଅଧୀନ କଳାମାଟିଆ ଗ୍ରାମର ଏକ ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁନଶ୍ଚ ୧୨ ତାରିଖରେ ରୌପ୍ୟକାନ୍ତଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ନେଇ ବାପା ଅଭିରାମ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିବା ଅଭିରାମ କହିଥିଲେ। ତେଣୁ ୧୩ ତାରିଖରେ ବରୀ ମାଉଣ୍ଟସ୍ଥିତ ଜାଗୁଲାଇ ପୀଠରେ ଖବରଦାତା ସମ୍ମିଳନୀ ଡାକି ପୋଲିସ ଅଭିଯୋଗ ନ ରଖିବା ସମ୍ପର୍କରେ କହିଥିଲେ। ଅପରପକ୍ଷରେ ନ୍ୟାୟ ନ ମିଳିଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମାହୁତି ଦେବେ ବୋଲି ପରିବାର ଲୋକେ ପ୍ରକାଶ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବରୀ ଥାନା ଅଧିକାରିଣୀ ରୋଜାଲିନ ପଟେଲଙ୍କୁ ପଚାରିବାରେ, ରୋପ୍ୟକାନ୍ତଙ୍କ ହତ୍ୟା ସନ୍ଦେହ ନେଇ ଅଭିଯୋଗ ହୋଇନାହିଁ। ନିଖୋଜ ବୋଲି ଅଭିଯୋଗ ଆସିଥିଲା। ଯଦି ହତ୍ୟା କରାଯାଇଥିବା ଅଭିଯୋଗ ଆସେ, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ପରିବାର ଲୋକେ ।

### ଉତ୍କଳ ଯାଦବ ମହାସଭା

ସିଂହପୁର,୧୫।୯(ଡି.ଏନ୍.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ କମଳା ମଣ୍ଡପରେ ଶନିବାର ବିଞ୍ଝାରପୁର ଯାଦବ ମଣ୍ଡଳ ଆନୁକୂଲ୍ୟରେ ଉତ୍କଳ ଯାଦବ ମହାସଭା ଆୟୋଜିତ ହୋଇଯାଇଛି। ଶିକ୍ଷାବିତ ରବୀନ୍ଦ୍ର ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିନେ ତାରକା ତଥା ଭାଜପା ନେତା ମିହିର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ, ବିଜେଡି ମୁଖପାତ୍ର ସୁଲୋଚନା ଦାସ, ନାରାୟଣ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ପ୍ରଧାନ, ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦ ଦାସ, ଦେବେନ୍ଦ୍ର ଦାସ, ବିଞ୍ଝାରପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ବାବାଜୀ ଦାସ, ଫତେପୁର ସରପଞ୍ଚ ମମତା ପଲାଇ, ମିନକେତନ ପରିଡା ପ୍ରମୁଖ ଯୋଗଦେଇଥିଲେ । ବିଭିନ୍ନ ସମୟରେ ବିଞ୍ଝାରପୁର ଯାଦବ ମଣ୍ଡଳ ପକ୍ଷରୁ ଦରିଦ୍ର, ଅଗ୍ନି ବିପନ୍ନ, ରୋଗୀଙ୍କୁ ସାହାଯ୍ୟ କରି ସମାଜରେ ବଞ୍ଚିବାର ନୂତନ ରାହା ସୃଷ୍ଟି କରାଯାଇଥାଏ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ଏହି ସଭାରେ ଜିଲା ତଥା ବାହାରୁ ଯାଦବ ସମ୍ପ୍ରଦାୟର ଲୋକେ ଏକାଠି ହୋଇଥିଲେ । ସଚ୍ଚିଦାନନ୍ଦ ଗୁରୁ, ରତ୍ନାକର ମହାକୁଳ, ସୁନାକର ମହାକୁଳ, ଉତ୍ତମ ଦାସ, ବିଷ୍ଣୁ ବାରିକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ୯୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟ୍ରଲର ପଛରେ ପିଟିହେଲା ସ୍କୁଟି, ଚାଳକ ଗୁରୁତର

କୋରେଇ/ଯାଜପୁରରୋଡ, ୧୫।୯(ସ୍ୱ.ପ୍ର./ନି.ପ୍ର.)

କୋରେଇ ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥ ଯାଜପୁରରୋଡ-ପାଣିକୋଇଲି ରାସ୍ତାର ଆଲିଆ ଛକସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଶନିବାର ମଧ୍ୟାହ୍ନରେ ଟ୍ରଲର ପଛରେ ବାଇକ୍ ପିଟିହେବା ଫଳରେ ଚାଳକ ଗୁରୁତର ହୋଇଛନ୍ତି । ସେ ହେଲେ ଜଖପୁରା ଥାନା ଅନ୍ତର୍ଗତ ଜଖପୁରା ଗ୍ରାମର ସୁବ୍ରତ ଶତପଥୀ(୨୩)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଆଲିଆ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରଲର ଠିଆ ହୋଇଥିଲା। ସେହି ସମୟରେ ସ୍କୁଟି ଚାଳକଙ୍କୁ ଅନ୍ୟ ଏକ ଗାଡି ସାଇଡ ମାରିବାରୁ ସେ ଭାରସାମ୍ୟ ହରାଇ ଟ୍ରଲର ପଛରେ ପିଟି ହୋଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ଗୁରୁତର ହୋଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି।

### ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରସୁଲପୁର, ୧୫।୯(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅଞ୍ଚଳରେ ଶନିବାର ଉଚ୍ଚନ୍ୟାୟାଳୟର ୩ଜଣ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ବିଚାରପତି ଏସ୍.କେ ମିଶ୍ର, ସି.ଆର. ଦାଶ ଓ ଜେ.ପି. ଦାସ କେନ୍ଦୁଝର ଜିଲା ବଡବିଲ ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ରସୁଲପୁର ବ୍ଲକ ଅଧୀନ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କିଛି ସମୟ ବିଶ୍ରାମ ନେଇଥିଲେ। ଏହି ଅବସରରେ ଯାଜପୁର ଜିଲା କୋର୍ଟ ପରିଚାଳକ ବିରଞ୍ଚି ନାରାୟଣ ମହାନ୍ତି, ନାଜର ନିତ୍ୟାନନ୍ଦ ଦାସ, ଚଣ୍ଡିଖୋଲ ଜେଏମ୍ଏଫସି କୋର୍ଟ ନାଜର ଲୋକନାଥ ମୁଣ୍ଡାଙ୍କ ସମେତ ୩ଜଣ କୋର୍ଟ ମାର୍ଶାଲ ବିଚାରପତିଙ୍କୁ ସ୍ୱାଗତ ଜଣାଇଥିଲେ । କୁଆଖିଆ ଥାନା ପୋଲିସ ପକ୍ଷରୁ ବିଚାରପତିମାନଙ୍କୁ ଏସ୍‌କର୍ଟ ପ୍ରଦାନ କରାଯାଇଥିଲା । ଶନିବାର ବଡ଼ବିଲରେ ରାତ୍ରି ଯାପନ କରିବା ସହ ରବିବାର ବଡବିଲସ୍ଥିତ ଜେଏମ୍ଏଫସି କୋର୍ଟ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ବିଜେଡିର ମହିଳା କର୍ମକର୍ତ୍ତା କମିଟି ଗଠିତ

ଯାଜପୁରରୋଡ,୧୫।୯(ନି.ପ୍ର.)

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ୟାସନଗର ପୌର ପରିଷଦର ବିଜେଡି ମହିଳା କର୍ମକର୍ତ୍ତା କମିଟି ଗଠିତ ହୋଇଛି । ବିଧାୟକ ଆକାଶ ଦାସ ନାୟକ ଏହି କମିଟି ଗଠନ କରିଛନ୍ତି । ଇନ୍ଦିରା ପ୍ରିୟଦର୍ଶିନୀ ମହାନ୍ତି ସଭାପତି, ଜ୍ୟୋତ୍ସ୍ନାରାଣୀ ଦତ୍ତ ଉପସଭାପତି, କୋଷାଧ୍ୟକ୍ଷ ଶର୍ମିଳା ମହାପାତ୍ର, ସମ୍ପାଦକ ଭାବେ ନିବେଦିତା ଜେନା, ସଚିତା ବେଗମ୍, ଝୁନୁଲତା ଶତପଥି, ଚନ୍ଦ୍ରିକା ବେହେରା, ଆରତୀ ପଣ୍ଡା, ଇନ୍ଦୁମତି ଦେହୁରୀ, ଝରଣା ଜେନା, ମିନା ଦତ୍ତ, ସରସ୍ୱତୀ ପାତ୍ର, ମମତା ନାୟକ, ରେହେନା ବିବି, କଳ୍ପନା ଚୌଧୁରୀ, ବବିତା ରାଉତରାୟ, ଇତିଶ୍ରୀ ରାୟଚୌଧୁରୀ, ମୀନାରାଣୀ ମଲ୍ଲିକ ପ୍ରମୁଖଙ୍କୁ ସଭ୍ୟଭାବେ ମନୋନୀତ କରାଯାଇଛି। ଦୁର୍ଗାବତୀ ଖୁଣ୍ଟିଆ, ନର୍ମଦା ଛୋଟରାୟ, ଲତିକା ଥାଣ୍ଡାର, ପୂର୍ଣ୍ଣିମା ଜେନା, ସରସ୍ୱତୀ ପ୍ରଧାନ, ଯଶୋଦା ବେହେରା, ଶାନ୍ତିଲତା ଦାସ, ଜାନକୀ ସିଂ, ସବିତା ବିଶୋଇ, ମୀନା ମଲ୍ଲିକ୍, ପ୍ରଜ୍ଞା ପରମିତା ମଲ୍ଲିକ, ଚନ୍ଦନା ଜେନା ପ୍ରମୁଖଙ୍କୁ ୨୬ ୱାର୍ଡର ମହିଳା କର୍ମକର୍ତ୍ତାଭାବେ ଚୟନ କରାଯାଇଛି।

### ପୋଲିସକୁ ଦୁର୍ବ୍ୟବହାର, ୪ କୋର୍ଟ ଚାଲାଣ

ଯାଜପୁରରୋଡ,୧୫।୯(ନି.ପ୍ର)

ପୋଲିସକୁ ଦୁର୍ବବ୍ୟହାର ଘଟଣାରେ ଶନିବାର ଯାଜପୁରରୋଡ ପୋଲିସ ୪ ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନହକାର ଅଜିତ ସାମଲ (୨୪), ସୌରଭ ସାହୁ, (୨୪), ଅଭିଜିତ ଦାସ (୨୨) ଓ ବିଦ୍ୟାଧର ସାହୁ (୨୧)। ଏ ନେଇ ପୋଲିସ ଏକ ମାମଲା(୨୭୪/୧୮) ରୁଜୁ କରିଛି। ପ୍ରକାଶ ଯେ, ଶୁକ୍ରବାର ବ୍ୟାସନଗର ପୌର ପରିଷଦ ନହକାର ଗଣେଶ ପୂଜା ଭସାଣି ଚାଲୁଥିବା ସମୟରେ କେତେଜଣ ଦୁର୍ବୃତ୍ତ ପୋଲିସକୁ ଦୁର୍ବ୍ୟବହାର କରିଥିଲେ। ଫଳରେ ୪ ଜଣ ଗିରଫ ହୋଇଥିବାବେଳେ ୨୫ ଜଣ ଫେରାର ଅଛନ୍ତି।

## ଷଷ୍ଠ ଦିନରେ ଓପିଟିସିଏଲ୍ ସୁରକ୍ଷା କର୍ମୀଙ୍କ ଗଣଧାରଣା
# ମୁଖ୍ୟ କାର୍ଯ୍ୟାଳୟରେ ତାଲା ପକାଇଲେ ଆନ୍ଦୋଳନକାରୀ

ଢୁବୁରୀ, ୧୫।୯(ଡି.ଏନ୍.ଏ.)

ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେଶନ ଲିମିଟେଡ ଅଧୀନରେ କାର୍ଯ୍ୟରତ ଭାରତ ସିକ୍ୟୁରିଟି ସର୍ଭିସେସ୍ ସଂସ୍ଥାର କର୍ମଚାରୀଙ୍କ ଆନ୍ଦୋଳନ ଶନିବାର ଷଷ୍ଠଦିନରେ ପହଞ୍ଚିଛି। କୌଣସି ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ନ କରିବାରୁ ଆନ୍ଦୋଳନକାରୀମାନେ ମୁଖ୍ୟ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଗଣଧାରଣାରେ ବସିଥିଲେ। ଏ ନେଇ ସେଠାରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନ ଯୋଗୁ ଓପିଟିସିଏଲର ସୁରକ୍ଷାକୁ ନେଇ ଆଶଙ୍କା ଲାଗି ରହିଥିବା ବେଳେ କାର୍ଯ୍ୟାଳୟରରେ ବିଭିନ୍ନ କାମ ପ୍ରଭାବିତ ହୋଇଥିବା ଜଣାପଡିଛି। ୩ ମାସର ବକେୟା ଦରମା ଓ ବିଭିନ୍ନ ଦାବିରେ ଢୁବୁରୀସ୍ଥିତ (ଓପିଟିସିଏଲ୍) କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ୧୦ ତାରିଖରୁ ଗଣଧରଣାରେ ବସିଛନ୍ତି। ଭାରତ ସିକ୍ୟୁରିଟି ସର୍ଭିସେସ୍ ଅଧୀନରେ ଅନ୍ୟୁନ ୨୦ ଜଣ ସୁରକ୍ଷା କର୍ମୀ ୧୦ ଊର୍ଦ୍ଧ୍ୱ ବର୍ଷ ହେବ କାମ କରି ଆସୁଛନ୍ତି । ସଂସ୍ଥାର କର୍ତ୍ତୃପକ୍ଷ କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନରେ ଟାଳଟୁଳନୀତି ଅବଲମ୍ବନ କରିଥିବା କର୍ମଚାରୀମାନେ କହିଛନ୍ତି। ୨୦୧୪ରୁ ସଂସ୍ଥା କର୍ମଚାରୀଙ୍କୁ ଲିଭ୍ ସାଲାରି ଏବଂ ବୋନସ ଦେଇ ନ ଥିବା ବେଳେ ଇପିଏଫର ୟୁଏଏନ୍ ନଂ ଓ ଇଏସ୍ଆଇ ବାବଦରେ ଛାଡ ପ୍ରଦାନ କରି ନାହାଁନ୍ତି । ଏନେଇ କାର୍ଯ୍ୟରତ କର୍ମଚାରୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଅପରପଟେ ପ୍ରାପ୍ୟ ପାଇଁ ପ୍ରତ୍ୟେକ କର୍ମଚାରୀଙ୍କୁ ମାସିକ ୩ଶହ ଟଙ୍କା ଦେବାକୁ ବାଧ କରୁଛନ୍ତି । ୩ ମାସରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ମଧ ସଂସ୍ଥା ପକ୍ଷରୁ ଅଦ୍ୟାବଧି ମାସିକ ପ୍ରାପ୍ୟ ପ୍ରଦାନ କରାଯାଇ ନାହିଁ। ଏହାର ପ୍ରତିବାଦରେ ସୋମବାରଠାରୁ କାର୍ଯ୍ୟରତ ସମସ୍ତ ସୁରକ୍ଷା କର୍ମୀ ଓପିଟିସିଏଲ୍ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଥିଲେ। ୬ ଦିନ ବିତିଯାଇଥିଲେ ମଧ ଆନ୍ଦୋଳନକାରୀ ସୁରକ୍ଷା କର୍ମୀଙ୍କ ସହ କୌଣସି ଅଧିକାରୀ ଆଲୋଚନା ମଧ କରି ନ ଥିଲେ। ଏ ନେଇ ଆନ୍ଦୋଳନରତ ସୁରକ୍ଷା କର୍ମୀମାନେ ଉତ୍‌କ୍ଷିପ୍ତ ହୋଇ ଓପିଟିସିଏଲର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ସୁଶାନ୍ତ ମହାନ୍ତ, ସିଲାଇ ପିଙ୍ଗୁଆ, ଆନନ୍ଦ ମହାକୁଡ, ଲକ୍ଷ୍ମୀଧର ମହାନ୍ତ, କିଶୋର କୁମାର ମହାନ୍ତ, ହୃଷୀକେଶ ମହାନ୍ତ, ବିରଞ୍ଚି ମହାନ୍ତ, ପ୍ରଦୀପ ମହାନ୍ତ, ଚିତ୍ତରଞ୍ଜନ ବାରିକ ପ୍ରମୁଖଙ୍କ ସମେତ ସମସ୍ତ କର୍ମଚାରୀ ଆନ୍ଦୋଳନରେ ସାମିଲ ରହିଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଓ ଓପିଟିସିଏଲ୍ ସହ ପରିଚାଳକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଆନ୍ଦୋଳନର ନେତୃତ୍ୱ ନେଇଥିବା ସୁଶାନ୍ତ ମହାନ୍ତ କହିଛନ୍ତି।



ଧାରଣାସ୍ଥଳରେ ବସିଥିବା ଆନ୍ଦୋଳନକାରୀ ।

## ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦାବି

ବିରଜାକ୍ଷେତ୍ର,୧୫।୯(ଡି.ଏନ୍.ଏ)

ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତରେ ଚଳିତ ବର୍ଷ ବନ୍ୟା ଓ ଲଗାଣ ବର୍ଷା ଯୋଗୁ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଗୋଟେ ପଟେ ବୈତରଣୀର ଶାଖା ନଦୀ ବୁଢ଼ା ପ୍ରବାହିତ ହେଉଥିବା ବେଳେ ଅନ୍ୟପଟେ ଖରସ୍ରୋତା ପ୍ରଭାହିତ ହେଉଛି। ୨ଟି ନଦୀରେ ବାରମ୍ବାର ବନ୍ୟା ଆସିବା ଦ୍ୱାରା ଧାନ ଓ ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଏପରିକି ବନ୍ୟା ଓ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ସିମିଳିଆ ପଞ୍ଚାୟତର ସିମିଳିଆ, ଷଠିଆଟିକିରି, ଦରାଜପୁର, ମେରକହାସନପୁର, ଗୌଡ଼ସାହି ଗୋବିନ୍ଦପୁର, ନଖେଇ, ମଇଦପୁର, ଗୋଠପୁର, ଓଲେଇପଡ଼ା, ବଡ଼ବନ୍ତ, ଚିତାହଟା ପ୍ରଭୃତି ୨୪ଟି ୱାର୍ଡ଼ର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏପରିକି ବର୍ଷା ଜଳ ଗ୍ରାମ୍ୟ ରାସ୍ତା ଉପରେ ପ୍ରଭାହିତ ହୋଇ ବହୁ ସ୍ଥାନ ଭାଙ୍ଗିରୁଜି ଯାଇଛି। ସିମିଳିଆ ପଞ୍ଚାୟତ ବିଶେଷ ପ୍ରଭାବିତ ହୋଇଥିବା ବେଳେ ଜିଲା ପ୍ରଶାସନ ଏହି ପଞ୍ଚାୟତକୁ ରିଲିଫ କୋର୍ଡରୁ ବାଦ୍ ଦେଇଛନ୍ତି। ଫଳରେ ବହୁ ଗରିବ ଲୋକ ରିଲିଫ ପାଇବାରୁ ବଞ୍ଚିତ ହେବା ସହ କ୍ଷତିଗ୍ରସ୍ତ ଚାଷୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ କରି ରାଜକିଶୋର ପରିଡ଼ା, ମହେନ୍ଦ୍ର କୁମାର ରାଉତ, ଗରିବ ଜେନା, ପ୍ରମୋଦ କୁମାର ଜେନା, ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ସ୍ଥାନୀୟ ବିଡିଓଙ୍କ ସହାୟତାରେ ଶନିବାର ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ସିମିଳିଆ ପଞ୍ଚାୟତର ଚାଷୀଙ୍କ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

# କାଗଜ କଲମରେ ସୀମିତ ଶ୍ରମ ଆଇନ

- ଇପିଏଫ୍ ଟଙ୍କାରେ ଚଞ୍ଚକତା ଅଭିଯୋଗ
- ଇଏସଆଇ ସୁବିଧାରୁ ବଞ୍ଚିତ ଶ୍ରମିକ

ଯାଜପୁରରୋଡ,୧୫।୯(ନି.ପ୍ର.)

ଶ୍ରମିକଙ୍କ ସୁବିଧା ପାଇଁ ପ୍ରଯୁଜ୍ୟ ଶ୍ରମ ଆଇନ୍‌କୁ ଯାଜପୁରରୋଡରେ ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି। କଳିଙ୍ଗନଗର ଶିଳ୍ପାଞ୍ଚଳ, ସୁକିନ୍ଦା ଖଣି ଅଞ୍ଚଳ ଓ ଯାଜପୁରରୋଡର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ କାମ କରୁଥିବା ଶ୍ରମିକମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ଏ ନେଇ ସେମାନେ ବାରମ୍ବାର ଯାଜପୁରରୋଡସ୍ଥିତ ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଶ୍ରମ ଆଇନ୍ କେବଳ କାଗଜ କଲମରେ ସୀମିତ ରହିଥିବା କୁହାଯାଉଛି । ଶ୍ରମ ଆଇନ ମୁତାବକ ଶ୍ରମିକ ଓ କର୍ମଚାରୀ ଠିକ୍‌ଭାବେ ସେମାନଙ୍କ ପ୍ରାପ୍ୟ ଓ ସୁବିଧା ପାଉନାହାନ୍ତି । ସେହିପରି ବହୁବର୍ଷ ଧରି ଇପିଏଫ୍ ଟଙ୍କାରେ ଚଞ୍ଚକତା କରାଯାଉଥିବା ଅଭିଯୋଗ ହୋଇଛି। ଦରମାରୁ ଇପିଏଫ୍ କଟାଯାଉଥିଲେ ମଧ ଛଟେଇ ସମୟରେ କମ୍ପାନୀ ଉକ୍ତ ଟଙ୍କା ପୈଠ କରୁନାହିଁ। ଏ ନେଇ ଯାଜପୁରରୋଡ ଉପଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଠିକାସଂସ୍ଥା ସେମାନଙ୍କୁ ପ୍ରାପ୍ୟ ଦେଉଛନ୍ତି । ଅପରପକ୍ଷରେ ଶ୍ରମିକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାକୁ ଇଏସ୍ଆଇ ରହିଥିବାବେଳେ ଏହା ଲାଗୁ କରାଯାଉନାହିଁ। ଶ୍ରମିକଙ୍କ ମାସିକ ପାରିଶ୍ରମିକରୁ ଅର୍ଥ କଟାଯାଇ ଇପିଏଫ୍ ଓ ଇଏସଆଇ ପାଇଁ ଜମା କରାଯାଉଥିଲେ ମଧ ସଂସ୍ଥା ଉଚିତ୍ ସମୟରେ ଏହି ଟଙ୍କା ଦେବାରେ କୁଣ୍ଠିତ ହେଉଛି। ବିପଦପୂର୍ଣ୍ଣ ଭାବେ ଖଣିରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ଇପିଏଫ୍ ଓ ଇଏସଆଇ ଭଳି ଜରୁରୀକାଳୀନ ସେବା ବିଷୟରେ ଅନ୍ଧାରରେ ରଖାଯାଇଛି । ଏ ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ସରକାରୀ ଭାବେ ସ୍ୱତନ୍ତ୍ର ଗାଇଡଲାଇନ ରହିଥିଲେ ମଧ କର୍ମସଂସ୍ଥାନ ଦେଉଥିବା ଖଣି, ଶିଳ୍ପ ସଂସ୍ଥା କିମ୍ବା ଠିକା ସଂସ୍ଥାଙ୍କ ସହ ବିଭାଗୀୟ କର୍ମଚାରୀ ଅସାଧୁ ସମ୍ପର୍କ ରଖି ଏହି କାର୍ଯ୍ୟକୁ ପ୍ରସୟ ଦେଉଥିବା ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବର୍ଷବର୍ଷ ଧରି କାର୍ଯ୍ୟ କରୁଥିଲେ ମଧ ସଂସ୍ଥା ଶ୍ରମିକଙ୍କୁ ପରିଚୟ ପତ୍ର ଯୋଗାଇ ନ ଦେବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହେଉଛି । ଆବଶ୍ୟକତାକୁ ଦୃଷ୍ଟିରେ ରଖି କଳିଙ୍ଗନଗର ଜେସିଡିଏଲ୍ କ୍ୟାମ୍ପସରେ ଏକ ଇଏସଆଇ ମେଡିକାଲ କାର୍ଯ୍ୟ କରୁଥିବା ଜଣାପଡିଛି । ଡାକ୍ତର ଓ ନର୍ସଙ୍କୁ ନିଯୁକ୍ତ କରାଯାଉଥିଲେ ମଧ ଶ୍ରମିକଙ୍କ କାର୍ଯ୍ୟରେ ଲାଗୁନାହିଁ । ସେହପରି ସୁକିନ୍ଦା ଖଣି ଉପତ୍ୟାକାର ବିଭିନ୍ନ ଖଣିରେ ୧୦ ହଜାର ଶ୍ରମିକ କାର୍ଯ୍ୟ କରୁଛନ୍ତି । କଳିଙ୍ଗନଗର ଶିଳ୍ପାଞ୍ଚଳରେ ୨୪ ହଜାରରୁ ଅଧିକ ଶ୍ରମିକ ଇଏସଆଇ ତାଲିକାରେ ଅନ୍ତର୍ଭୁକ୍ତ ହୋଇ କାର୍ଡ ପାଇଛନ୍ତି। ସେମାନଙ୍କ ଦରମାରୁ ୧.୫ ପ୍ରତିଶତ ଅର୍ଥ ଇଏସଆଇ ପାଇଁ କଟୁଛି। ହେଲେ ଅଦ୍ୟାବଧି କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶ୍ରମିକଙ୍କ ପାଇଁ ହସ୍ପିଟାଲ ନିର୍ମାଣ ହୋଇନାହିଁ । ଯାଜପୁରରୋଡ ସହରରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ କାମ କରୁଥିଲେ ମଧ ସେମାନଙ୍କୁ ଇଏସଆଇ ସୁବିଧା ଦିଆଯାଇନାହିଁ । ଶ୍ରମିକ ସଙ୍ଗଠନରେ ଯୋଗଦେଲେ ଚାକିରିରୁ ବାହାର କରିଦିଆଯାଉଛି । ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କୁହନ୍ତି, ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ଶ୍ରମିକଙ୍କୁ ଛଟେଇ କରାଯାଉଛି। ଶ୍ରମିକ ସଂଗଠନ ଆନ୍ଦୋଳନ କଲେ ବାଧହୋଇ ଠିକା ସଂସ୍ଥା ସେମାନଙ୍କ ପ୍ରାପ୍ୟ ଦେଉଛନ୍ତି ବୋଲି କହିଥିଲେ । ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଶିବ ପ୍ରସାଦ ମିଶ୍ରଙ୍କୁ ପଚାରିବାରେ, ଅନେକ ଅଭିଯୋଗ ଆସୁଛି। ସେସବୁର ସମାଧାନ କରାଯାଉଛି। ଶ୍ରମିକଙ୍କ ସ୍ୱାର୍ଥ ଅନୁସାରେ ଶ୍ରମ ବିଭାଗ କାର୍ଯ୍ୟ କରୁଛି ବୋଲି କହିଥିଲେ।



ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ୍ୟ
ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ।
- ଅଭିରାମ ପରମହଂସ



## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଉଦ୍ଧାର

**ଦଶପଲ୍ଲା,୧୫।୯(ଡି.ଏନ.ଏ.):** ଦଶପଲ୍ଲା ବ୍ଲକର ବାଣିଗୋଛା ଥାନା ଅନ୍ତର୍ଗତ ଦୁଡା ଗ୍ରାମ ନିକଟରୁ ଜଣେ ଅପରିଚିତ ମହିଳାଙ୍କ ମୃତଦେହ ବାଣିଗୋଛା ପୋଲିସ ଉଦ୍ଧାର କରିଛି। ସମ୍ପୃକ୍ତ ମହିଳାଙ୍କ ମସ୍ତିଷ୍କ ବିକୃତ ଥିବା ସହ ବାଣିଗୋଛା ଅଞ୍ଚଳରେ କିଛି ଦିନ ହେଲା ସେ ବୁଲା ବୁଲି କରୁଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ଶୁକ୍ରବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତଦେହ ଚିହ୍ନଟପରେ ତାଙ୍କ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

### ବଜ୍ରପାତରେ ୨ ମୃତ, ୪ ଗୁରୁତର

**ଖୋର୍ଦ୍ଧା ଅଫିସ,୧୫।୯:** ଖୋର୍ଦ୍ଧା ଟାଉନ ଥାନାର ସାରୁଅ ଓ ଖୋର୍ଦ୍ଧା ସଦର ଥାନାର କୁଞ୍ଜୁରୀରେ ବଜ୍ରପାତ ଘଟି ଶନିବାର ଅପରାହ୍ନରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଗଡଗୁଡୁମ୍, ପୁରୁସାହି, କୁଞ୍ଜୁରୀ ଗାଁର ୪ ଜଣ ବଜ୍ରପାତରେ ଆହତ ହୋଇଛନ୍ତି। ମୃତକ ହେଲେ ସାରୁଅ ଗାଁର ପରମାନନ୍ଦ ମହାଭୋଇ (୬୨) ଓ କୁଞ୍ଜୁରୀ ଗାଁର ସଞ୍ଜୟ ନାୟକ(୪୫)। ଆହତମାନେ ହେଲ କୁଞ୍ଜୁରୀ ଗାଁର ଦୀନବନ୍ଧୁ ନାୟକ(୨୨) ଓ ବବିତା ଜେନା(୧୫), ପୁରୁସାହି ଓଲସିଂହ ଗାଁର ରମେଶ ସେଠୀ(୪୫), ଗଡଗୁଡୁମ୍ ପ୍ରଗତି ଛୁଆଲସିଂହ(୧୬)। ମିଳିଥିବା ସୂଚନା ଅନୁସାରେ, ଅପରାହ୍ନରେ ବର୍ଷା ହୋଇଥିଲା। ବର୍ଷା ହେବାର କିଛି ସମୟ ପରେ ପ୍ରାୟ ୩ଟାରେ ବଜ୍ରପାତ ହୋଇଥିଲା। ବଜ୍ରପାତ ସମୟରେ ସାରୁଅ ଗାଁର ପରମାନନ୍ଦ ବିଲରେ କାମ କରୁଥିଲେ। ବଜ୍ରପାତ ପ୍ରଭାବରେ ସେ ସେଠାରେ ଟଳି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କୁଞ୍ଜୁରୀ ଗାଁର ସଞ୍ଜୟ ଘର ବାରଣ୍ଡାରେ ବସିଥିଲେ। ବଜ୍ରପାତ ପ୍ରଭାବରେ ଅଚେତ ହୋଇପଡିଥିଲେ। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ କୁଞ୍ଜୁରୀ ଗାଁର ଦୀନବନ୍ଧୁ ଓ ବବିତା, ପୁରୁସାହିର ଓଲସିଂହ ଗାଁର ରମେଶ, ଗଡଗୁଡୁମ୍ ପ୍ରଗତି ନିଜ ନିଜ ଘରେ ଥିବାବେଳେ ବଜ୍ରପାତ ପ୍ରଭାବରେ ଆହତ ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

### ନୀଳମାଧବ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ



**ଖଣ୍ଡପଡା,୧୫।୯(ସ୍ୱ.ପ୍ର.):** ଶନିବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ କଲେଜର ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀଙ୍କ ସହିତ ଛାତ୍ରୀଛାତ୍ରମାନେ ନୀଳମାଧବ ଜୀଉଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ଶ୍ରୀ ଜୀଉଙ୍କ ସର୍ବାଙ୍ଗ ଲାଗି ହୋଇଥିବା ବେଳେ ବେଦ ଧ୍ୱନି ଓ ଶାନ୍ତି ପାଠ କରାଯାଇଥିଲା। ପରେ କଲେଜର ଉନ୍ନତି ତଥା ବିକାଶ ଦିଗରେ ସମସ୍ତେ ବ୍ରତୀ ହେବା ପାଇଁ ଶପଥ ନେଇଥିଲେ। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମାବେଶରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାବେଶରେ ଅଧକ୍ଷ ସୁକାନ୍ତ କୁମାର ନାୟକ ଅଧକ୍ଷତା କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗୁରୁ ଗୁରୁଜନମାନଙ୍କୁ ଭକ୍ତି କରିବା ସହ ନିଜର ଆଚାର ବ୍ୟବହାର ମାର୍ଜିତ କରି ଉତ୍ତମ ଶିକ୍ଷା ଲାଭ କରି ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।

### ବିଶ୍ୱ ହିନ୍ଦୁ ପରିଷଦ ସମ୍ପାଦକଙ୍କ ପରଲୋକ

**ନୟାଗଡ଼ ଅଫିସ,୧୫।୯:** ବିଶ୍ୱ ହିନ୍ଦୁ ପରିଷଦର ନୟାଗଡ଼ ଜିଲା ସମ୍ପାଦକ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କର୍ମକର୍ତ୍ତା ଅଖିଳ କୁମାର ସାଥୁଆଙ୍କ ଶନିବାର ପରଲୋକ ହୋଇଯାଇଛି। କିଛି ଦିନ ଧରି ସେ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଭୋର ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସାଥୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଥିବାରୁ ଶନିବାର ଜିଲାର ସମସ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଛୁଟି ଘୋଷଣା କରାଯାଇଥିଲା। ତାଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ସମୂହ ପ୍ରାର୍ଥନା କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିଭିନ୍ନ ସଙ୍ଗଠନ ଓ ନୟାଗଡ଼ବାସୀଙ୍କ ତରଫରୁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଗଭିର ଶୋକ ପ୍ରକାଶ କରାଯାଇଥିଲା।

# ଜିଲା ଚିକିତ୍ସାଳୟରେ ରୋଗୀଙ୍କୁ ଉପେକ୍ଷା

ନୟାଗଡ଼ ଅଫିସ,୧୫।୯

- ଏମ୍‌ଆରଙ୍କ ମେଡିସିନ୍ ଉତ୍ପାଦ ଦେଖିଲେ ମହିଳା ଡାକ୍ତର
- ଧୂଆଁବାଣ ପାଲଟିଛି ଜେନେରିକ୍ ଔଷଧ
- ଲେଖାଯାଉଛି ଦାମୀ ମେଡିସିନ୍

ଯେତେ ନୀତିନିୟମ, କଟକଣା କରାଗଲେ ବି ଏମ୍‌ଆର (ମେଡିକାଲ୍ ରିପ୍ରେଜେଣ୍ଟେଟିଭ୍‌ଙ୍କ) କବ୍‌ଜାରୁ ମୁକୁଳି ପାରୁନାହିଁ ଜିଲା ମୁଖ୍ୟ ଚିକିତ୍ସାଳୟ। କି ଦିନ କି ରାତି ଏମାନେ ମେଡିକାଲ୍ ପରିସରରେ ରହି ଡାକ୍ତରଙ୍କ ସହିତ ଘନିଷ୍ଠ ହୋଇ ସେମାନଙ୍କର ବେପାର ବଢ଼ାଇବାରେ ଲାଗିଛନ୍ତି। ଡାକ୍ତରମାନେ ନାମୀଦାମୀ କମ୍ପାନୀର ଔଷଧ ଲେଖି ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ କରିବାକୁ ପଛାଉନାହାନ୍ତି। ଫଳରେ ଜେନେରିକ୍ ଔଷଧ ଧୂଆଁବାଣ ପାଲଟୁଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ସରକାରୀ ମେଡିକାଲ୍‌ରେ ଏମ୍‌ଆରମାନଙ୍କ ପ୍ରବେଶକୁ ନିଷେଧ କରାଯାଇଛି। ମାତ୍ର କେତେକ ଡାକ୍ତରଙ୍କ ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସବୁବେଳେ ଏମ୍‌ଆରମାନେ ନିର୍ଭୟରେ ପ୍ରବେଶ କରୁଛନ୍ତି। ସେମାନେ ଡାକ୍ତରଙ୍କ ସହିତ କଥା ହୋଇ ସେମାନଙ୍କ କମ୍ପାନୀର ମେଡିସିନ୍ ଉତ୍ପାଦ ଦେଖାଉଛନ୍ତି। ଆଉ ଏହି ସମୟରେ ରୋଗୀମାନେ ଲାଇନ୍‌ରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ହଇରାଣ ହେଉଛନ୍ତି। ଯାହା ଶନିବାର ଦେଖିବାକୁ ମିଳିଥିଲା। ଅପରାହ୍ନରେ ରୋଗୀମାନେ ଲାଇନ୍‌ରେ ଛିଡ଼ା ହୋଇଥିବା ବେଳେ ଜଣେ ମହିଳା ଡାକ୍ତର ଦୁଇ ଜଣ ଏମ୍‌ଆରଙ୍କ ମେଡିକାଲ ଉତ୍ପାଦ ଦେଖିବାରେ ବ୍ୟସ୍ତ ଥିଲେ। ଏ ନେଇ ତାଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ।

ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସାଙ୍ଗକୁ ଉନ୍ନତମାନର ଯନ୍ତ୍ରପାତି ଅଭାବ ଦିନକୁ ଦିନ ମୁଖ୍ୟ ଚିକିତ୍ସାଳୟକୁ ରୁଗ୍‌ଣ କରିଦେଉଛି। ପୁଣି ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁଠାରୁ ଆରମ୍ଭ କରି କାନ୍ଧରେ ମୃତଦେହ ନେବା ଘଟଣା ଜିଲା ସ୍ୱାସ୍ଥ୍ୟ ବିଭାଗର ପାରିଲାପଣିଆକୁ ପଦାରେ ପକାଇଛି। ଏପରି ସ୍ଥଳେ ରୋଗୀଙ୍କୁ ଉପେକ୍ଷା କରି ଡାକ୍ତରମାନେ ଏମ୍‌ଆରଙ୍କୁ ପ୍ରବେଶ ପାଇଁ ଅନୁମତି ଦେଉଛନ୍ତି। ରୋଗୀଙ୍କୁ ନାମୀଦାମୀ କମ୍ପାନୀର ମେଡିସିନ୍ ଲେଖି ଶୋଷଣ କରିବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କିଛି କମିଶନ ପାଇଁ ଡାକ୍ତରମାନେ ସେମାନଙ୍କ ମାନବିକତାକୁ ଭୁଲିଯିବାକୁ ମଧ୍ୟ ପଛାଉ ନ ଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ଏମ୍‌ଆର (ମେଡିକାଲ ରିପ୍ରେଜେଣ୍ଟେଟିଭ୍)ଙ୍କ କବ୍‌ଜାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଥିବା ନେଇ ଧରିତ୍ରୀରେ ଗତ ନଭେମ୍ବର ୧ ତାରିଖରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆ ମେଡିକାଲରେ ଏମ୍‌ଆରମାନଙ୍କ ପ୍ରବେଶରେ କଟକଣା ଲଗାଇବାକୁ ସିଡିଏମ୍‌ଙ୍କୁ କହିଥିଲେ। ସେହିଭଳି ମେଡିକାଲ୍ ପରିସରରେ ଯଦି କୌଣସି ଏମ୍‌ଆରଙ୍କୁ ଦେଖିବାକୁ ମିଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଥିଲା। କିଛିଦିନ ପରେ ଯଥା ପୂର୍ବଂ ତଥା ପର ସ୍ଥିତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଫଣୀନ୍ଦ୍ର କୁମାର ପାଣିଗାହୀଙ୍କୁ ପଚାରିବାରୁ ସେ କୁହନ୍ତି ଶନିବାର ଏମ୍‌ଆରଙ୍କ ଉତ୍ପାଦ ଦେଖୁଥିବା ମହିଳା ଡାକ୍ତରଙ୍କୁ କୈଫିୟତ ମଗାଯାଇଛି। ସେହିଭଳି ଆଗାମୀ ଦିନରେ ଡାକ୍ତରଖାନା ପରିସରରେ ଯେପରି ଏମ୍‌ଆରମାନେ ପ୍ରବେଶ ନ କରିବେ ସେ ନେଇ ସୂଚନା ଫଳକ ଲଗାଯିବ ବୋଲି ପାଣିଗ୍ରାହୀ ପ୍ରକାଶ କରିଥିଲେ।

## ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ



ଶିବିରରେ ଉପସ୍ଥିତ ଅତିଥିମାନେ।

**ବ୍ଲକସ୍ତରୀୟ ଶିଳ୍ପ ସଚେତନତା ଶିବିର**

ଖଣ୍ଡପଡ଼ା,୧୫।୯(ସ୍ୱ.ପ୍ର.)

ଖଣ୍ଡପଡା ଶିଳ୍ପ ତାଲିମ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ନୟାଗଡ଼ ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଶନିବାର ବ୍ଲକସ୍ତରୀୟ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଖଣ୍ଡପଡା ଏନଏସି ଅଧକ୍ଷା ପ୍ରଭାସିନୀ ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମିଶ୍ର, ନୟାଗଡ ବ୍ଲକ ଶିଳ୍ପବିକାଶ ଅଧିକାରୀ ସୀତାରାମ ସାହୁ, ସୂର୍ଯ୍ୟକାନ୍ତ ପଣ୍ଡା, ସହକାରୀ ପରିଚାଳକ ଗୋପବନ୍ଧୁ ମହାପାତ୍ର, ଖଣ୍ଡପଡା ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ ପ୍ରଦୀପ କୁମାର ବଳିଆରସିଂ ପ୍ରମୁଖ ଯୋଗଦେଇ ଶିବିର ଆୟୋଜନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଖଣ୍ଡପଡା ବ୍ଲକ ଶିଳ୍ପବିକାଶ ଅଧିକାରୀ ସମୀର କୁମାର ମୁଦୁଲି କାର୍ଯ୍ୟକ୍ରମରେ ସଂଯୋଜନା କରିବା ଅବସରରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରମାନେ ଆଇଟିଆଇ ଅନୁଷ୍ଠାନ ଗୁଡିକରୁ ତାଲିମ ଗ୍ରହଣ କରିବା ପରେ ନିଯୁକ୍ତି ପଛରେ ନ ପଡି କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା କରି ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସାଧାରଣ ପରିଚାଳକ ମିଶ୍ର ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଇଚ୍ଛୁକ ଥିବା ଛାତ୍ରୀଛାତ୍ର ଓ କାରିଗରମାନେ ଏ ସମ୍ପର୍କିତ ସରକାରୀ ଯୋଜନା ଗୁଡିକ ସମ୍ପର୍କରେ ଜାଣିବା ନିମନ୍ତେ ଜିଲା ଶିଳ୍ପକେନ୍ଦ୍ରର ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଥିଲା।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ

ଗଣିଆ,୧୫।୯(ଡି.ଏନ୍.ଏ.)

ଗଣିଆ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ଶନିବାର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳ ୩ୟ ବାହିନୀ ମୁଣ୍ଡୁଳୀ କଟକର ଇନ୍ସପେକ୍ଟର ଅମରନାଥ ସିଂ, ସବ୍‌ଇନ୍ସପେକ୍ଟର ବଳରାମ ମୀନା ଓ ସାଥୀ ମନିଶ କୁମାର, ଜି.ୱାଇ. ମହାନ୍ତି, ଯୋଗେଶ ଯାଦବ ଯୋଗଦେଇ ପ୍ରଶିକ୍ଷଣ (ମକ୍‌ଡ୍ରିଲ) ପ୍ରଦାନ କରିଥିଲେ। କେରଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ପ୍ରପୀଡିତ ଲୋକମାନଙ୍କୁ କିଭଳି ଉଦ୍ଧାର କରାଯାଇଥିଲା ସେ ସମ୍ପର୍କରେ କହିବା ସହିତ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ବେଳେ ନିଜକୁ ରକ୍ଷା କରିବା ସହ ଅନ୍ୟକୁ କିଭଳି ଉଦ୍ଧାର କରିବ ତାହା ମକ୍‌ଡ୍ରିଲ ମାଧ୍ୟମରେ ଶିଖାଇଥିଲେ। ସେହିପରି ସାପ କାମୁଡ଼ିବା, ଅଗ୍ନିକାଣ୍ଡ, ବଜ୍ରପାତ, ବାତ୍ୟା ଓ ଛାତ୍ରୀଛାତ୍ରମାନେ ଖାଦ୍ୟ ଖାଇବା ବେଳେ ତଣ୍ଟିରେ କାଠି କିମ୍ବା କଣ୍ଟା ଲାଗିଲେ କିଭଳି ପ୍ରକ୍ରିୟା ଅବଲମ୍ବନ କରାଯିବ ଶିଖାଇଥିଲେ। ଏଥିସହ ବନ୍ୟା ବେଳେ ଲୋକଙ୍କୁ ଉଦ୍ଧାର କରିବା ଓ ନୌକାଯାତ୍ରା ବେଳେ ଲାଇଫ୍ ଜ୍ୟାକେଟ୍‌ର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗଣିଆ ସରପଞ୍ଚ ସସ୍ମିତା ଲେଙ୍କାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ଆଡଭାନ୍ସ ଟ୍ୟୁଟୋରିଆଲର ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୬।୯।୨୦୧୮ (ରବିବାର)**

- ସୂର୍ଣ୍ଣରୌପ୍ୟ ଶିଳ୍ପୀ ସଂଘର ସାଧାରଣ ସମାବେଶ
  **ସ୍ଥାନ :** ଇଟାମାଟି କଲେଜ ନିକଟସ୍ଥ ପଡ଼ିଆ, ନୟାଗଡ଼ , **ସମୟ**– ପୂର୍ବାହ୍ନ ୧୦ଟା
- କାବ୍ୟାଂଜଳି କବିତା ପାଠ ଉତ୍ସବ
  **ସ୍ଥାନ:** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦଶପଲ୍ଲା, **ସମୟ:** ପୂର୍ବାହ୍ନ ୧୧ଟା
- ସତ୍ୟମ୍ ଇନ୍‌ଷ୍ଟିଚ୍ୟୁସନ୍‌ର ବାର୍ଷିକ ଉତ୍ସବ
  **ସ୍ଥାନ :** ରୋଟାରୀ ଭବନ, ନୟାଗଡ଼, **ସମୟ :** ଅପରାହ୍ନ ୩ଟା

**୧୭।୯।୨୦୧୮ (ସୋମବାର)**

- ଜିଲାପାଳଙ୍କ ଦ୍ୱିମାସିକ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସର, **ସମୟ :** ପୂର୍ବାହ୍ନ ୧୦ଟା
- ମହର୍ଷି ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟର ୫ମ ବାର୍ଷିକ ଉତ୍ସବ
  **ସ୍ଥାନ :** ପଥରା ଗ୍ରାମ, ଓଡ଼ଗାଁ, **ସମୟ :** ସକାଳ ୯ଟା

**୧୮।୯।୨୦୧୮ (ମଙ୍ଗଳବାର)**

- ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ
  **ସ୍ଥାନ :** ପ୍ରମିଳା ପଞ୍ଚୁ ପବ୍ଲିକ ସ୍କୁଲ ପରିସର, ବଡ଼ପଣ୍ଡୁସର , ନୟାଗଡ଼, **ସମୟ :** ସକାଳ ୯ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନୀତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ଚୋର ଭାବି ଯୁବକଙ୍କୁ ପିଟିଲେ ଗ୍ରାମବାସୀ

ରଣପୁର,୧୫।୯ (ସ୍ୱ.ପ୍ର.)



ଦାଶରଥି।

ଚୋର ଭାବି ଜଣେ ଯୁବକଙ୍କୁ ମାଡ଼ ମରାଯିବା ପରେ ପୋଲିସ ଜିମା ଦିଆଯାଇଛି। ରଣପୁର ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଘଟିଛି ଏହି ଘଟଣା। ପ୍ରକାଶ ଯେ, ରଣପୁର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଚୋରମାନେ ଘରେ ପଶି ପରିବାର ଲୋକଙ୍କୁ ଭୟଭୀତ କରାଇ ଟଙ୍କା, ସୁନା, ରୁପା ସହିତ ମୂଲ୍ୟବାନ ସାମଗ୍ରୀ ଚୋରିକରି ନେଉଛନ୍ତି। ଏହାକୁ ରୋକିବା ପାଇଁ ବିଭିନ୍ନ ଗ୍ରାମର ଯୁବକମାନେ ପ୍ରୟାସ ଜାରି ରଖିଛନ୍ତି। ସେମାନେ ପାଳିକରି ରାତିରେ ପହରା ଦେବା ବ୍ୟବସ୍ଥା କରିଛନ୍ତି। କୋଣସି ଅଚିହ୍ନା ଲୋକଙ୍କୁ ଦେଖିଲେ ସେମାନେ ଉତ୍ତମମଧ୍ୟମ ଦେବା ସହ ପୋଲିସରେ ଦେଇଥାନ୍ତି। ଏହା ଦ୍ୱାରା କେତେକାଂଶରେ ଏହି ଚୋରି ରୋକାଯାଇ ପାରିଛି। ଶୁକ୍ରବାର ରାତିରେ ଏଭଳି ଏକ ଘଟଣା ରଣପୁର ଥାନା ଜଙ୍କିଆ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମରେ ବାରମ୍ବାର ଚୋରି ହେଉଥିବାରୁ ଗ୍ରାମବାସୀଙ୍କ ସହମତିରେ ଯୁବକମାନେ ପାଳିକରି ରାତି ପହରା ଦେଉଛନ୍ତି। ଶୁକ୍ରବାର ବିଳମ୍ବିତ ରାତ୍ରରେ ଗ୍ରାମର ଯୁବକମାନେ ପହରା ଦେଉଥିଲା ବେଳେ ଜଣେ ଅଚିହ୍ନା ଯୁବକ ସାଇକେଲରେ ଗ୍ରାମଦେଇ ଯାଉଥିବା ଦେଖିଥିଲେ। ଯୁବକମାନେ ତାଙ୍କୁ ଧରିବା ବେଳେ ତାଙ୍କ ନିକଟରେ କଟୁରି ଓ ସାଇକେଲ ଚେନ ଥିବା ଦେଖି ନିକଟସ୍ଥ ଗୋବିନ୍ଦପୁର ଗ୍ରାମକୁ ଚୋରି କରିବାକୁ ଯାଉଥିବା ଭାବି ମାଡ଼ ମାରି ଅଟକ ରଖିଥିଲେ। ଏହି ଯୁବକ ଜଣକ ହେଲେ ପିମ୍ପଲ ଗ୍ରାମର ଦାଶରଥି ବେହେରା (୪୭)। ଦାଶରଥିଙ୍କୁ ଗ୍ରାମବାସୀ ରଣପୁର ଥାନାରେ ଜିମା ଦେବାପରେ ପୋଲିସ ଘଟଣାର ତଦନ୍ତ କରୁଛି।

## ଦୁର୍ଘଟଣା: ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ

**ନିରାକାରପୁର,୧୫।୯(ଡି.ଏନ.ଏ.):** ଶନିବାର ନିରାକାରପୁର ଅଞ୍ଚଳରେ ଦୁର୍ଘଟଣା ଘଟି ଜଣେ ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମେଶ୍ୱର ପଞ୍ଚାୟତ ଚନ୍ଦନପୁର ଗ୍ରାମର ଫକିର ବେହେରା (୭୦)। ଫକିର ରେଳଧାରଣା ନିକଟରେ ଛିଡ଼ା ହୋଇଥିବାବେଳେ ବାଲୁଗାଁ ଅଭିମୁଖେ ଯାଉଥିବା ଏକ ଏକ୍ସପ୍ରେସ ଟ୍ରେନ ରେଳଧାରଣାରେ ଚରୁଥିବା ବାଛୁରିକୁ ଧକ୍କା ଦେଇଥିଲା। ଆହତ ବାଛୁରି ଫକିରଙ୍କ ଦେହରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଫକିରଙ୍କୁ ମୃତ ଘୋଷଣା କରିଥିଲେ।

### ରାଣୀପଡା ଗ୍ରାମର ୨ ପରିବାର ବାସନ୍ଦ ଘଟଣା

## ଶାନ୍ତିକମିଟି ବୈଠକରେ ଆଲୋଚନା ବିଫଳ

ଖଣ୍ଡପଡା,୧୫।୯(ସ୍ୱ.ପ୍ର.)

ଖଣ୍ଡପଡା ଥାନା ରାଣୀପଡା ଗ୍ରାମର ଗୋପାଳକୃଷ୍ଣ ଜେନା ଓ ଛାଟକିଶୋର ଦାସଙ୍କ ପରିବାରବର୍ଗଙ୍କୁ କେତେକ ଲୋକ ବିଭିନ୍ନ କାରଣକୁ ନେଇ ୭ମାସ ଧରି ଗାଁରୁ ବାସନ୍ଦ କରି ରଖିଛନ୍ତି। ଗ୍ରାମରେ କଙ୍ଗାରୁକୋର୍ଟ ଚଳାଇଥିବା ଲୋକମାନେ ଉକ୍ତ ଦୁଇ ପରିବାରକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିବା ନେଇ ଖଣ୍ଡପଡା ଥାନାଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ବହୁବାର ଅଭିଯୋଗ ହୋଇଥିଲେ ହେଁ ପରିବାର ଦ୍ୱୟ ନ୍ୟାୟ ପାଇପାରି ନାହାନ୍ତି। ଅନ୍ୟପକ୍ଷରେ ଦୁଇ ପରିବାର ଖଣ୍ଡପଡା ଥାନାରେ କରିଥିବା ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ କଙ୍ଗାରୁକୋର୍ଟ ଚଳାଇଥିବା ଲୋକଙ୍କ ନାମରେ ବିଭିନ୍ନ ଦଫାରେ ୭ଟି କେସ୍ ରୁଜୁ କରି ଘଟଣାର ଅନୁସନ୍ଧାନ ଜାରିରଖିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ପୋଲିସ କଙ୍ଗାରୁକୋର୍ଟ ଚଳାଇଥିବା ଲୋକଙ୍କ ନାମରେ ମାମଲା ରୁଜୁ କରି ନୀରବଦ୍ରଷ୍ଟା ସାଜିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ଏକ ଶାନ୍ତିକମିଟି ବୈଠକ ଆଗତ କରାଯାଇଥିଲା। ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ନବକିଶୋର ସାହୁଙ୍କ ପ୍ରଚେଷ୍ଟା କ୍ରମେ ଅନୁଷ୍ଠିତ ବୈଠକରେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ରାଣୀପଡା ଗ୍ରାମର ଉଭୟ ପକ୍ଷର ଲୋକ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଦୀର୍ଘ ୧୦ ଘଣ୍ଟା ଧରି ଆଲୋଚନା କରିଥିଲେ। ହେଲେ କୌଣସି କାରଣକୁ ନେଇ ଆଲୋଚନା ବିଫଳ ହେବା ସହ ସମାଧାନର ସୂତ୍ର ବାହାରିପାରି ନ ଥିବା ଜଣାପଡିଛି। ଫଳରେ ଉକ୍ତ ୨ ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନାଯୋଗ୍ୟ ପରିବାରବର୍ଗ ନ୍ୟାୟ ପାଇବା ନିମନ୍ତେ ନୟାଗଡ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ରାଜ୍ୟ ମାନବାଧିକାର କମିଶନ୍, ପୋଲିସ ଆଇଜି ଓ ପୋଲିସ ମହାନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ମନେପଡେ ମା'ର ବଜ୍ରମୂଳି ମାଡ଼

ଖଣ୍ଡପଡା,୧୫।୯(ସ୍ୱ.ପ୍ର.)

**ଷଠୀଓଷା ପରମ୍ପରା**




ମା' ଷଠୀଙ୍କ ପୂଜା।

ଓଡିଶାର ପୁରପଲ୍ଲୀରେ ଷଠିଓଷା ଧୁମ୍‌ଧାମରେ ପାଳନ କରାଯାଏ। ମା'ମାନେ ତାଙ୍କ ସନ୍ତାନମାନଙ୍କ ଦୀର୍ଘ ଜୀବନ କାମନା କରି ଏହି ଓଷା କରିଥାନ୍ତି। ଶନିବାର ଖଣ୍ଡପଡା ବ୍ଲକର ଖଣ୍ଡପଡା, ଜଗନ୍ନାଥ ପ୍ରସାଦ, କୋସକା, ଢୋଲମରା, କୁମ୍ଭାରପଡା, କଣ୍ଟିଲୋ, ବାଣପୁର, ବଳରାମପ୍ରସାଦ, ସିଧାମୂଳା, ବେଣାଗାଡିଆ, ଧାନଚେଙ୍ଗଡା, ଖଳିସାହି ଆଦି ଅଞ୍ଚଳରେ ଷଠୀଓଷା ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛ। ପୂଜାର ବିଶେଷତ୍ୱ ହେଉଛି ଷଠୀଓଷା ଉଦ୍‌ଯାପନ ପରେ ମା'ମାନେ ସେମାନଙ୍କ ପିଲାଙ୍କୁ ବଜ୍ରମୂଳି ଗଛରେ ବାଡେଇବା। ଏହି ଅବସରରେ ମା'ର ବଜ୍ରମୂଳି ମାଡ଼କୁ ମନେ ପକାଇ ଏହାର ରହସ୍ୟ ଅବତାରଣା କରିଛନ୍ତି ଖଣ୍ଡପଡା ଓ କଣ୍ଟିଲୋ ଅଞ୍ଚଳର କେତେକ ବୁଦ୍ଧିଜୀବୀ। ଏମାନଙ୍କ ମଧ୍ୟରେ ଅଛନ୍ତି ଡାକ୍ତର ଏଲୋରା ମହାନ୍ତି, ଶିକ୍ଷୟିତ୍ରୀ ନିବାସିନୀ ମିଶ୍ର, ଗୃହିଣୀ ସନ୍ଧ୍ୟାରାଣୀ ମହାରଣା। ଏମାନେ ମା'ର ସ୍ନେହକୁ ସୁରକ୍ଷା ପ୍ରାଚୀର ସଦୃଶ ବର୍ଣ୍ଣନା କରିବା ସହ ବଜ୍ରମୂଳିର ବ୍ୟବହାର ଉପରେ ଅବଗତ କରାଇଥିଲେ। ଏହି ଓଷା ସମୟରେ ମା'ମାନେ ବଜ୍ରମୂଳି ଧରି ପିଲାମାନଙ୍କ ଫେରିବା ବାଟକୁ ଚାହିଁ ବସୁଥିଲେ। ସନ୍ଧ୍ୟାରେ ପିଲାମାନେ ଘରେ ପହଞ୍ଚିବା ମାତ୍ରେ ମା'ମାନେ ବଜ୍ରମୂଳି ଗଛରେ ୭ଥର ପିଟିବା ପରେ ଷଠି ମା'ଙ୍କୁ ପିନ୍ଧାଯାଇଥିବା ହଳଦୀ ଭିଜା କନାକୁ ଚିରି ସେମାନଙ୍କ ବେକରେ ବାନ୍ଧି ଦେଇଥାନ୍ତି। ବଜ୍ରମୂଳିରେ ପିଲାଙ୍କୁ ମାରିଲେ ସେମାନଙ୍କ ଦେହ ସୁସ୍ଥ ରହିବା ସହ ବଜ୍ର ଭଳି କଠିନ ହେବ। ଏହା ଛଡା କେସଣସି ଅଶୁଭ ଶକ୍ତି ସେମାନଙ୍କ ଦେହରେ ପ୍ରବେଶ କରିପାରିବ ନାହିଁ ବୋଲି ଷଠୀଓଷା କରୁଥିବା କେତେକ ମହିଳା ପ୍ରକାଶ କରିଥିଲେ। ଓଷା ଅବସରରେ ସକାଳୁ ଗୃହିଣୀମାନେ ବିଭିନ୍ନ ସ୍ଥାନରୁ ବଣ ସାରୁ ଓ ବଜ୍ରମୂଳି ଗଛ, ଦୁବ, ବରକୋଳି ପତ୍ର, ଫୁଲ ଆଦି ସଂଗ୍ରହ କରିବା ପରେ ଘରେ ଥିବା ଶିଳ, ଶିଳପୁଆକୁ ଧୋଇ ସଫା କରିଥିଲେ। ଶିଳପୁଆରେ ହଳଦୀ ଲେପି ୬ ଖଣ୍ଡ ହଳଦୀ କନା ଗୁଡାଇ କଉଡିରେ ମଥା ଚିତା, ଦୁଇ ଆଖି ଓ ପାଟି ପ୍ରସ୍ତୁତ କରି ଷଠୀ ଦେବୀ ଭାବରେ ପୂଜା ବେଦୀରେ ସ୍ଥାପନା କରିଥିଲେ। ବେଦୀରେ ଚିତା ପକାଇବା ପରେ ଷଠୀ ବୁଢୀ ମା'ଙ୍କ ପାଖରେ ବଜ୍ରମୂଳି ଓ ବଣ ସାରୁ ଗଛ ରଖିଥିଲେ। ଘରେ ପ୍ରସ୍ତୁତ ହୋଇଥିବା ୬ ତରକାରି, ୬ ପିଠାକୁ ମା'ଙ୍କୁ ସମର୍ପଣ କରି ପୂଜା କରିଥିଲେ। ସନ୍ଧ୍ୟାରେ ମା'ଙ୍କୁ ବନ୍ଦାପନା କରଯାଇ ଓଷା ଉଦ୍‌ଯାପନ କରାଯାଇଥିଲା।



ଅନ୍ୟମାନଙ୍କ ଭଲକାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।
- ଭଲଟାୟାର



## ସଂକ୍ଷେପରେ

### ସୋମନାଥ ବ୍ରତ ପାଳିତ

**ପୁରୀ ଅଫିସ,୧୫।୯:** ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥି ଶନିବାର ପାଳିତ ହୋଇଛି ସୋମନାଥ ବ୍ରତ। ଏଥିପାଇଁ ଶ୍ରୀମନ୍ଦିର ଉତ୍ତର ଦ୍ୱାରସ୍ଥିତ ସୋମନାଥ ମନ୍ଦିରରେ ବ୍ରତଧାରୀଙ୍କ ଭିଡ଼ ହୋଇଥିଲା। ବ୍ରତଧାରୀମାନେ ପ୍ରଭୁ ସୋମନାଥଙ୍କୁ ଦର୍ଶନ କରିବା ସହ ବିଭିନ୍ନ ପ୍ରକାର ଫଳ ଓ ପିଠା ଭୋଗ କରିଥିଲେ। ଠାକୁରଙ୍କୁ ଲାଗି କରିଥିବା ବ୍ରତକୁ ପିନ୍ଧିଥିଲେ। ବ୍ରତ ସମ୍ପର୍କରେ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଏହି ବ୍ରତ ଭାଦ୍ରବ ଶୁକ୍ଳ ଷଷ୍ଠୀରେ ଆରମ୍ଭ ହୋଇ ଆଶ୍ୱିନ ଶୁକ୍ଳ ଦଶମୀରେ ଉଦ୍‌ଯାପନ କରାଯାଏ। ଭଗବାନ ସୋମନାଥ ଶିବ ଏହି ବ୍ରତର ଆରାଧ ଦେବତା। ଓଡ଼ିଶାର ଗାଁ ଗାଁରେ ମହିଳା ପୁରୁଷ ଶ୍ରଦ୍ଧା ଓ ଭକ୍ତି ସହ ଏହି ବ୍ରତ ପାଳନ କରନ୍ତି। ପ୍ରତ୍ୟୁଷରୁ ଉଠି ଅପାମାରଙ୍ଗ କାଠିରେ ଦାନ୍ତ ଘଷି ହଳଦୀ ଲଗାଇ ସ୍ନାନ କରିଥାନ୍ତି। ଏହାପରେ ବ୍ରତଧାରୀ ଶୁକ୍ଳ ବସ୍ତ୍ର ପରିଧାନ କରି ବ୍ରତ ପୂଜା କରନ୍ତି। ମୁରୁଜ ଉପରେ ପିଢା ପକାଇ ଦଶଗୋଟି ଅକ୍ଷତ, ଦୂବ ରଖି ଦଶଖିଅ ସୂତାରେ ତିଆରି ବ୍ରତକୁ ସ୍ଥାପନ କରାଯାଏ। କଖାରୁ ଫୁଲ ସମେତ ଦଶବର୍ଣ୍ଣର ଫୁଲ ଓ ଫଳରେ ଶିବଙ୍କୁ ପୂଜାର୍ଚ୍ଚନା କରି ବ୍ରତକୁ ଧାରଣ କରିଥାନ୍ତି। ଏହି ବ୍ରତ କଲେ ପୁତ୍ର, ପୌତ୍ରମାନଙ୍କର ଶରୀର ଆରୋଗ୍ୟ, ସୌଭାଗ୍ୟ ବୃଦ୍ଧି ଓ ଆୟୁ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ମୃତ୍ୟୁ ପରେ ଶିବ ଲୋକ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

### ମୋ ସ୍କୁଲ ଅଭିଯାନ ବୈଠକ

**ପୁରୀ ଅଫିସ,୧୫।୯:** ସଦର ବ୍ଲକ ବାସୁଦେବପୁର ଗ୍ରାମପଞ୍ଚାୟତ କନକଦୁର୍ଗା ଉଚ୍ଚ ବିଦ୍ୟାଳୟରେ ଶନିବାର ମୋ ସ୍କୁଲ ଅଭିଯାନ ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ରଥ ସଭାପତିତ୍ୱ କରିଥିଲେ। ବୈଠକରେ ଅଧିକାଂଶ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଏହି ଅଭିଯାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ସାଧମତେ ସହାୟତା ପ୍ରଦାନ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାରଙ୍କର ଏଭଳି ଅଭିନବ ଯୋଜନାକୁ ସ୍ଥାନୀୟ ବୁଦ୍ଧିଜୀବୀ ମଧ ପ୍ରଶଂସା କରିଥିଲେ। ସଚ୍ଚିଦାନନ୍ଦ ରଥ, ଆଲୋକ କୁମାର ଦାସ, ସୁନନ୍ଦା ପ୍ରଧାନ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଏହି ବୈଠକ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ସଦର ବ୍ଲକର ୩ଟି ହାଇସ୍କୁଲକୁ ରାଜ୍ୟ ସରକାର ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ପ୍ରଦାନ କରିବାକୁ ମନୋନୀତ କରିଛନ୍ତି। ଏହି ପୁରସ୍କାର ପାଇଁ କନକଦୁର୍ଗା ଉଚ୍ଚ ବିଦ୍ୟାଳୟ ଚୟନ ହୋଇଛି। ଶିକ୍ଷକଙ୍କ ନିଷ୍ଠାପର ଶିକ୍ଷାଦାନ ପାଇଁ ବିଦ୍ୟାଳୟ ଶ୍ରେଷ୍ଠ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାରୁ ଅଞ୍ଚଳବାସୀ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସାଧୁବାଦ ଜଣାଇଛନ୍ତି।

### ସନ୍ତାନଙ୍କ ଦୀର୍ଘାୟୁ କାମନା କଲେ ମା'

**ପୁରୀ ଅଫିସ,୧୫।୯:** ଭାଦ୍ରବ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ସନ୍ତାନମାନଙ୍କ ଦୀର୍ଘାୟୁ କାମନା କରି ମା' ମାନେ ଷଠି ଓଷା ପାଳନ କରିଛନ୍ତି। ଶନିବାର ଶ୍ରୀକ୍ଷେତ୍ରରେ ମହିଳାମାନେ ପୁଅଝିଅଙ୍କ ଦୀର୍ଘାୟୁ ଓ ସୁସ୍ଥ ଶରୀର କାମନା କରି ମା' ଷଷ୍ଠୀ ଦେବୀଙ୍କୁ ପୂଜିଛନ୍ତି। ସେହିପରି ଶ୍ରୀମନ୍ଦିର ପରିସର ଷଠି ଦେବୀଙ୍କ ମନ୍ଦିରରେ ମହିଳାଙ୍କ ଭିଡ଼ ହୋଇଥିଲା। ଏହି ଓଷା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି ଯେ, ଓଡ଼ିଶାର ଏହା ଏକ ପାରମ୍ପରିକ ଓଷା।

# ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଫେରାଦ

**ନୟାଗଡ଼ ଅଫିସ,୧୫।୯**

- ନୂଆଗାଁ ବ୍ଲକ ସିଙ୍ଗାରପଲ୍ଲୀ ପଞ୍ଚାୟତ
- ବଦଳି କରା ନ ଗଲେ ମାସିକ ବୈଠକ କରାଇଦେବେ ନାହିଁ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିଙ୍ଗାରପଲ୍ଲୀ ପଞ୍ଚାୟତର ନିର୍ବାହୀ ଅଧିକାରୀ (ପିଇଓ) ବିଦ୍ୟାଧର ନାୟକଙ୍କ ନାମରେ ସରପଞ୍ଚ ଓ ୱାର୍ଡ଼ମେମ୍ବରମାନେ ବିଭିନ୍ନ ଅଭିଯୋଗ କରିଛନ୍ତି। ପଞ୍ଚାୟତିରାଜ ସଚିବ, ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀଙ୍କଠାରେ ଏମାନେ ଲିଖିତ ଅଭିଯୋଗ କରି ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁସାରେ, ଆକ୍ସନ ପ୍ଲାନ ମୁତାବକ ପ୍ରକଳ୍ପଗୁଡ଼ିକରେ ପିଇଓଙ୍କୁ ଲାଞ୍ଚ ନ ଦେଲେ ଫାଇଲ୍ କାର୍ଯ୍ୟ କରୁନାହାନ୍ତି, ପ୍ରକଳ୍ପଗୁଡ଼ିକ ବିଲ୍ ପାସ୍ କରାଇଦେବା ପାଇଁ ମଧ ଲାଞ୍ଚ ନେଉଛନ୍ତି। ନ ଦେଲେ ବିଲ୍ ପାସ୍ କରାଇ ଦେଉ ନାହାନ୍ତି, ଯେଉଁ ପ୍ରକଳ୍ପରେ ସେ ଉପକୃତ ହେବେ ସେହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଖୋଲାଯାଉଛି। ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରକଳ୍ପଗୁଡ଼ିକର ଫାଇଲ୍ ଠିକ୍ ସମୟରେ ଖୋଲା ଯାଇ ନ ଥିବାରୁ କାମ ଧାର୍ଯ୍ୟ ସମୟସୀମା ମଧରେ ସରୁନାହିଁ। ପକ୍କାଘର ଯୋଜନା, ଭତ୍ତା ଆଦି ଜନହିତାଧିକାରୀ କାର୍ଯ୍ୟକ୍ରମରେ ଯେଉଁ ଗରିବ ଲୋକମାନେ ଲାଞ୍ଚ ଦେଉ ନାହାନ୍ତି ସେମାନଙ୍କୁ ଏଥିରେ ବାଦ୍ ଦିଆଯାଉଛି। ସେହିଭଳି ପିଇଓ ଜଣଙ୍କ ପେଷାରେ ଠିକାଦାର ଥିବା ମଧ ଅଭିଯୋଗ ହୋଇଛି। ସେ ନିଜ ସ୍ତ୍ରୀଙ୍କ





ସିଙ୍ଗାରପଲ୍ଲୀ ଗ୍ରାମପଞ୍ଚାୟତର ରାଜୀବଗାନ୍ଧୀ ସେବାକେନ୍ଦ୍ର।

ନାମରେ ବିଭିନ୍ନ ପ୍ରକଳ୍ପର ଟେଣ୍ଡର ପକାଇ କାମ କରୁଛନ୍ତି। ହରିଶ୍ଚନ୍ଦ୍ର ପାଣ୍ଠିରେ ଟଙ୍କା ଥାଇ ମଧ ଦୁଇ ବର୍ଷ ହେଲାଣି ଗରିବ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯାଉନାହିଁ। ପିଡିଏସ୍ ହାତ ଜମା ଟଙ୍କାକୁ ଉଠାଇ ନିଜ ଠିକାଦାରି କାମରେ ଲଗାଉଥିବାରୁ ଠିକ୍ ସମୟରେ ପିଡ଼ିଏସ୍ ଚେକ୍ ଡ଼ିପୋଜିଟ କରାଯାଇପାରୁନାହିଁ, ଫଳରେ ପିଡ଼ିଏସ୍ ସାମଗ୍ରୀ ବିଳମ୍ବରେ ଆସୁଛି। ଏମ୍‌ଜିଏନ୍‌ଆରଇଜିଏସ୍ କାମ ବିଲ୍ ହୋଇ ସାରିବା ପରେ ଗାଁ ସାଥୀ ପେମେଣ୍ଟ ପାଇଁ ବ୍ଲକ୍‌କୁ ଫାଇଲ୍ ଦେଉ ନ ଥିବାରୁ ସେମାନେ ଏ ପର୍ଯ୍ୟନ୍ତ ନିଜର ପ୍ରାପ୍ୟ ନ ପାଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହିଭଳି ସ୍ୱେଚ୍ଛାଚାରୀ କାମ ଯୋଗୁଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତର ୱାର୍ଡ଼ମେମ୍ବରମାନେ ତାଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି। ୨୮ ତାରିଖ ସୁଦ୍ଧା ପିଇଓ ବିଦ୍ୟାଧରଙ୍କୁ ସେହି ପଞ୍ଚାୟତରୁ ଅନ୍ୟତ୍ର ବଦଳି କରାଯାଇ ନୂତନ ପିଇଓ ନିଯୁକ୍ତି ପାଇଁ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଯଦି ଏହା ନ ହୁଏ ତାହା ହେଲେ ୱାର୍ଡ଼ମେମ୍ବରମାନେ ଜନମତ ସୃଷ୍ଟି କରି ମାସିକ ପଞ୍ଚାୟତ ବୈଠକ କରାଇ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସରପଞ୍ଚ ସୁରଥ ପ୍ରଧାନଙ୍କ ସମେତ, ୱାର୍ଡ଼ମେମ୍ବର ଲିଲି ନାଏକ,ସଞ୍ଜୁ ବେହେରା, ବାସନ୍ତୀ ପ୍ରଧାନ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ଏ ନେଇ ପିଇଓ ବିଦ୍ୟାଧର ନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଏପରି ଅଭିଯୋଗ ହୋଇଛି। ତଦନ୍ତ କରାଗଲେ ପ୍ରକୃତ କଥା ଜଣାପଡ଼ିବ ।

# ଜିଲାପାଳଙ୍କ ବାଣିବିରି ଘାଟି ରାସ୍ତା ପରିଦର୍ଶନ

**ଦଶପଲ୍ଲା,୧୫।୯(ଡି.ଏନ.ଏ.)**

ନୟାଗଡ ଜିଲାପାଳ ଏନ.ଥିରୁମାଲା ନାୟକ୍ ଶନିବାର ମାଟି ଅତଡା ଧସୁଥିବା ଦଶପଲ୍ଲା ବ୍ଲକର ବାଣିବିରିଘାଟି ରାସ୍ତା ପରିଦର୍ଶନ କରିଛନ୍ତି । ଅପରାହ୍ନ ପ୍ରାୟ ୪ଟାରେ ଜିଲାପାଳ ବାଣିବିରିଘାଟିର ୫୭ ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲେ। ତାଙ୍କ ସିହତ ବନଖଣ୍ଡ ଅଧିକାରୀ ଗୋଦାବରିଶ ପଣ୍ଡା, ବିଡିଓ ଦେବୀ ପ୍ରସାଦ ମହାନ୍ତି, ତହସିଲଦାର ପ୍ରମୋଦ କୁମାର ଦଳବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ରାସ୍ତା ନିର୍ମାଣ କାରୀ ଠିକାସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ ରାସ୍ତା ନିର୍ମାଣକାରୀ ସଂସ୍ଥାକୁ ତାଗିଦ୍ କରିବା ସହ ରାସ୍ତାର ଦୁଇପାର୍ଶ୍ୱରୁ ମାଟି ଧସୁଥିବା ସ୍ଥାନରେ ତୁରନ୍ତ ପାଚେରୀ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଥାଉକି, ଗତ ସପ୍ତାହରେ ଲଗାଣ ବର୍ଷାରେ ଖୋର୍ଦ୍ଧା-ବଲାଙ୍ଗିର ୫୭ନଂ ଜାତୀୟ ରାଜପଥର ଜାମ୍ବୁସାହି ନିକଟସ୍ଥ ବାଣିବିରି ଘାଟିରେ ମାଟିଅତଡା ଖସିବା ସହ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା । ଗୋଟିଏ ଦିନରେ ୨ଥର ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ଫଳରେ ରାସ୍ତାରେ ଯାନ ବାହନ ଚଳାଚଳ ବନ୍ଦ ରହିଥିଲା । ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ।



ବାଣିବିରି ଘାଟି ରାସ୍ତାରେ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନେ।

## ଆନ୍ତଃ ମହାବିଦ୍ୟାଳୟ କୁସ୍ତି ପ୍ରତିଯୋଗିତା
# ସୁରଜମଲ୍ଲ ଶାହା କଲେଜ ଚାମ୍ପିୟନ



କୁସ୍ତି ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଥିବା ପ୍ରତିଯୋଗୀମାନେ।

**ପୁରୀ ଅଫିସ,୧୫।୯**

ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା ସୁରଜ ମଲ୍ଲ ଶାହା କଲେଜ ସଂଯୋଜନାରେ ବାରବାଟୀ ଜାଗା ପରିସରରେ ଶନିବାର ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ୨୦ଟି କଲେଜର ୪୦ଜଣ ପୁରୁଷ, ୧୫ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଲେଜର ଅଧକ୍ଷ ପ୍ରଫେସର ଅଶ୍ୱିନୀ କୁମାର ଦାସ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା କୁସ୍ତି ସଂଘର ସଭାପତି ରାମଚନ୍ଦ୍ର ପାଢୀ ମୁଖ୍ୟଅତିଥି, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, କୁସ୍ତିବିତ୍ ହରିହର ସିଂ, ବାରବାଟୀ ଜାଗା ସଭାପତି ଗୋପାଳକୃଷ୍ଣ ମହାପାତ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ ଏବଂ ଜିଲା କ୍ରୀଡ଼ା ଅଧିକାରୀ ନାରାୟଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୁରୁଷରେ ସୁରଜମଲ୍ଲ ଶାହା କଲେଜ ଦଳଗତ ଚାମ୍ପିୟନ ଏବଂ ଗୋପୀନାଥଦେବ କଲେଜ ଓ ପ୍ରତାପ ପୁରୁଷୋତ୍ତମପୁର କଲେଜ ଯୁଗ୍ମ ଭାବେ ରନର୍ସ ଅପ୍ ହୋଇଛନ୍ତି। ମହିଳା ବର୍ଗରେ ସୁରଜମଲ୍ଲ ଶାହା କଲେଜ ଚାମ୍ପିୟନ ହୋଇଛି। ଏହି ଅବସରରେ ଏକାଧିକ କୁସ୍ତିବିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ସୁରଜମଲ୍ଲ ଶାହା କଲେଜର କ୍ରୀଡ଼ା ଅଧ୍ୟାପକ ହରିହର କର, ଅଧ୍ୟାପକ ଡ. ଶୁଭେନ୍ଦୁ ମିଶ୍ର, ଡ. ଦିପ୍ତୀ ପ୍ରସାଦ ମହାନ୍ତି, ରିତେଶ ମହାନ୍ତି, ରବି ନାରାୟଣ ସ୍ୱାଇଁ, କିରଣ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବର୍ଗରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଜାତୀୟସ୍ତରରେ ଅନୁଷ୍ଠିତ ହେବାକୁଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଅଧ୍ୟାପକ ହରିହର କର କହିଛନ୍ତି।

# ରାହାଙ୍ଗିଆପଡ଼ାରେ ଗୋଷ୍ଠୀସଂଘର୍ଷ
## ୨ ଗୁରୁତର, ପୋଲିସର ତନାଘନା

**ପୁରୀ ଅଫିସ,୧୫।୯**

ପୁରୀ ସଦର ଥାନା ଅଧୀନ ରାହାଙ୍ଗିଆପଡ଼ା ମଝି ସାହିରେ ଦୁଇ ଗୋଷ୍ଠୀ ମଧରେ ସଂଘର୍ଷ ହୋଇଛି। ଶନିବାର ଗୋଟିଏ ଗୋଷ୍ଠୀର ପ୍ରାୟ ୧୫ ଯୁବକ ଅନ୍ୟ ଗୋଷ୍ଠୀର ଦୁଇ ଜଣ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯୁବକ ଦ୍ୱୟ ହେଲେ ସେହି ଗ୍ରାମର ବିଦ୍ୟାଧର ପଲେଇ ଓ ଅର୍ଜୁନ ପଲେଇ। ସଦର ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଅର୍ଜୁନଙ୍କ ମା' ଦ୍ରୌପଦୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାଜନୈତିକ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ରାହାଙ୍ଗିଆପଡ଼ାର ମଝି ସାହିରେ ରହୁଥିବା ଦୁଇ ଗୋଷ୍ଠୀ ମଧରେ ଦୀର୍ଘଦିନ ହେଲା ଶତ୍ରୁତା ରହିଛି। ଉଭୟ ଗୋଷ୍ଠୀ ଦୁଇ ରାଜନୈତିକ ଦଳର ହୋଇଥିବାରୁ ବିଭିନ୍ନ ଘଟଣାକୁ ନେଇ ପରସ୍ପର ମଧରେ ଗଣ୍ଡଗୋଳ ମଧ ଲାଗି ରହିଛି। କିଛି ଦିନ ତଳେ ଗାଁ ପୋଖରୀରୁ ମାଛ ମାରିବାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ଉଭୟଙ୍କ ମଧରେ ବୁଝାମଣା ହୋଇଥିଲା। ଶନିବାର ସନ୍ଧ୍ୟାରେ ବିଦ୍ୟାଧର ଗାଁ ଦାଣ୍ଡରେ ଯାଉଥିଲେ। ଏହି ସମୟରେ ଅପର ଗୋଷ୍ଠୀ ୧୫ ଯୁବକ ହାତରେ ଖଣ୍ଡା, ମାରଣାସ୍ତ୍ର ଧରି ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଥମେ ତାଙ୍କ ବେକକୁ ଚୋଟ ମାରିଥିଲେ। ସେ ତଳେ ପଡିଯିବା ପରେ ତାଙ୍କ ଡାହାଣ ପାଦକୁ ହାଣିଦେଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଆସି ଅର୍ଜୁନ ସେମାନଙ୍କ ରୋଷର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡ ଓ ଦୁଇ ହାତରେ ୪ ଚୋଟ ବାଜିଛି।

# ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ ଶିବିର

**ଓଡ଼ଗାଁ,୧୫।୯(ସ୍ୱ.ପ୍ର.)**

ଜିଲା କାର୍ଯ୍ୟାଳୟ ଓ ଜିଲା ଶ୍ରମ ବିଭାଗ ତରଫରୁ ଶନିବାର ସ୍ଥାନୀୟ ଇନଡୋର ଷ୍ଟାଡିୟମ ପରିସରରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପରିଚୟ ପତ୍ର ପ୍ରଦାନ ଓ ଆର୍ଥିକ ଅନୁଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର, ଜିଲାପାଳ ଡ.ଏନ ତିରୁମଲା ନାୟକ, ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ ମଞ୍ଚାସୀନ ଥିଲେ। ଶତାଧିକ ମହିଳା ଓ ପୁରୁଷ ନିର୍ମାଣ ଶ୍ରମିକଙ୍କ ସମାବେଶରେ ସେମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନଙ୍କ ମଧରୁ ଚିହ୍ନଟ ତଥା ପଞ୍ଜିକୃତ କେତେକ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ଓ ବିଭିନ୍ନ ବାବଦରେ ସେମାନଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ହେଲେ ସ୍ଥାନୀୟ ଅଞ୍ଚଳର ନିର୍ମାଣ ଶ୍ରମିକଙ୍କୁ ଏହି ସମାବେଶରେ ଦେଖିବାକୁ ମିଳିନଥିବାରୁ ସାଧାରଣରେ ଆଲୋଚନା ହୋଇଥିଲା। ଶିବିର ସମ୍ବନ୍ଧୀୟ ଆବଶ୍ୟକ ତଥ୍ୟ ସଂପୃକ୍ତ ଜିଲା ଶ୍ରମ ଅଧିକାରୀଙ୍କ ଠାରୁ ହାସଲ କରିବାକୁ ବାରମ୍ବାର ଟେଲିଫୋନ ମାଧମରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ ସେ ଏନେଇ କୌଣସି ତତ୍ପରତା ପ୍ରକାଶ କରି ନ ଥିଲେ। ଏପରିକି ଜିଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀଙ୍କ ନିକଟରେ ମଧ କୌଣସି ତଥ୍ୟ ନଥିବା ସେ ପ୍ରକାଶ କରିଛନ୍ତି ।

# ବିଦ୍ୟାସୁରକୁ ବଧକଲେ ଶ୍ରୀକୃଷ୍ଣ

**ପୁରୀ ଅଫିସ,୧୫।୯:** ଶନିବାର ଥିଲା ଭାଦ୍ରବ ଶୁକ୍ଳ ଷଷ୍ଠୀ। ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ବିଦ୍ୟାସୁର ବଧ ଲୀଳା ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ପରେ ମଦନମୋହନ ଆଜ୍ଞାମାଳ ପାଇଁ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ସେଠାରେ ବିଦ୍ୟାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା।



କୃଷ୍ଣ ବଳରାମଙ୍କ ବିଦ୍ୟାସର ବଧ ଦୃଶ୍ୟ।

# କାନ୍‌ଭାସ୍‌ରେ ଜଗନ୍ନାଥ ସଂସ୍କୃତି

**ପୁରୀ ଅଫିସ,୧୫।୯**

ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ପୂଜା ପରମ୍ପରା, ରୀତିନୀତିକୁ ନିଜ କାନଭାସରେ ଆଙ୍କିଛନ୍ତି ଚିତ୍ରଶିଳ୍ପୀ ରାଜନନ୍ଦିନୀ ମହାପାତ୍ର। ଶନିବାର ବଡ଼ଦାଣ୍ଡ ଶ୍ରୀହରି ଗ୍ରାଣ୍ଡ ହୋଟେଲ ପରିସରରେ ସେ ଆୟୋଜନ କରିଥିଲେ ଚିତ୍ର ପ୍ରଦର୍ଶନୀ। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବିବିଏ ଛାତ୍ରୀ ରାଜନନ୍ଦିନୀ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହିତ ସମାଜରେ ନାରୀଙ୍କ ଭୂମିକାକୁ ନେଇ ପ୍ରସ୍ତୁତ କରିଥିଲେ ବିଭିନ୍ନ ଚିତ୍ର। ସମାଜରେ ନାରୀଙ୍କ ପ୍ରତି ଘଟୁଥିବା ବିଭିନ୍ନ ସମସ୍ୟା, ଶିଶୁଙ୍କ ପ୍ରତି ମାତୃତ୍ୱ ଭାବ ତଥା ପରିବାରକୁ ଗଢ଼ି ତୋଳିବାରେ କିପରି ଜଣେ ନାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ତାହାକୁ ସେ କାନଭାସରେ ସ୍ଥାନିତ କରିଥିଲେ। ଛାତ୍ର ଜୀବନରୁ ମହାପ୍ରଭୁଙ୍କ ଚିତ୍ର ଅଙ୍କନ କରି ସେ ପୁରସ୍କୃତ ହୋଇଥିଲେ। ନିଜର ନିଆରା ଚିତ୍ରାଙ୍କନ ଲାଗି ସେ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସଂସ୍ଥା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ ପୁରସ୍କୃତ ହୋଇଛନ୍ତି।

## ଆଗକୁ ଛାତ୍ର ସଂସଦ ନିର୍ବାଚନ
# ମହିଳା ମହାବିଦ୍ୟାଳୟରେ ବିସିଜେଡିର ପ୍ରାର୍ଥୀ ଘୋଷଣା

**ପୁରୀ ଅଫିସ, ୧୫।୯**

**ଅର୍ପିତା ସଭାପତି ଓ ବର୍ଷା ସମ୍ପାଦିକା ପ୍ରାର୍ଥୀ**

ଆଗକୁ ରହିଛି ଛାତ୍ର ସଂସଦ ନିର୍ବାଚନ। ଏବେ ଠୁ କଲେଜରେ ନିର୍ବାଚନୀ ଉଷ୍ମତା ଦେଖିବାକୁ ମିଳିଛି। ଆଶାୟୀ ପ୍ରାର୍ଥୀମାନେ କ୍ୟାମ୍ପସରେ ପ୍ରଚାର ଚଳାଇଛନ୍ତି। ପୁରୀର ପ୍ରମୁଖ ଶିକ୍ଷାନୁଷ୍ଠାନ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ମହାବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟ କ୍ୟାମ୍ପସ ସମ୍ମୁଖରେ ଆଶାୟୀ ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଛାଇଗଲାଣି।

ଶନିବାର ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ସଂସଦ ନିର୍ବାଚନ ଲାଗି ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ତା'ର ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଯୁକ୍ତ ତିନି ଶେଷବର୍ଷର ଛାତ୍ରୀ ଅର୍ପିତା ବେଉରା ସଭାପତି, ଯୁକ୍ତ ତିନି ଶେଷବର୍ଷର ଛାତ୍ରୀ ବର୍ଷା ସାହୁ ସମ୍ପାଦିକା, ବବିତା ପ୍ରଧାନ ଯୁଗ୍ମ ସମ୍ପାଦିକା, ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ କାଜଲ ସାହୁ କଳା ସଂସଦ, ଆଶିକା ମହାପାତ୍ର କ୍ରୀଡା ସଂସଦ, କମଳିନୀ ଦଳାଇ ଓଡ଼ିଆ ସାହିତ୍ୟ ସଂସଦ ଓ ପିଙ୍କି ସ୍ୱାଇଁ ଏସଏସଜି ସମ୍ପାଦିକା ପ୍ରାର୍ଥୀ ଭାବେ ମନୋନୀତ ହୋଇଥିବା ବିଜୁ ଛାତ୍ର ଜନତା ଦଳ ପୁରୀ ଜିଲା ସଭାପତି ନାରାୟଣ ସିଂ ଏକ ପ୍ରେସ ବିବୃତିରେ କହିଛନ୍ତି। ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସଂସଦ ସମ୍ପାଦିକା ସୁମିତ୍ରା ଦଳାଇ ଏହାର ନେତୃତ୍ୱ ନେଉଛନ୍ତି। ପୂର୍ବରୁ ଏବିଭିପି ସଭାପତି ପ୍ରାର୍ଥୀ ଭାବେ ଶ୍ରଦ୍ଧାଞ୍ଜଳି ପ୍ରଧାନଙ୍କ ନାମ ଘୋଷଣା କରିସାରିଛି।

ଅନ୍ୟପଟେ ଛାତ୍ର କଂଗ୍ରେସ ଓ ଏବିଭିପି ଦିନେ ଦୁଇ ଦିନ ମଧରେ ପ୍ରାର୍ଥୀ ତାଲିକା ଘୋଷଣା କରିବାର ସମ୍ଭାବନା ରହିଛି। ଏସସିଏସ କଲେଜରେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା କୌଣସି ଦଳ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଅନ୍ୟପଟେ ଏସସିଏସରେ ଛାତ୍ର କଂଗ୍ରେସ ସମସ୍ତ ପଦବୀରେ ପ୍ରାର୍ଥୀ ଦେବାକୁ ଯୋଜନା କରିଛି।

# ସଜେଇହେବ ପୁରୀ ବେଳାଭୂମି

**ପୁରୀ ଅଫିସ,୧୫।୯**

- ଆସୁଛି ପର୍ଯ୍ୟଟନ ଋତୁ
- ତିଆରି ହେବ ୬ ଚେଞ୍ଜିଙ୍ଗ ରୁମ
- ବସିବ ରିଭର୍ସେବୁଲ ଭେଣ୍ଡିଂ ମେଶିନ
- ସଚେତନ ପାଇଁ ଲାଗିବ ଫଳକ
- ସ୍ଥାନାନ୍ତର ହେବ ଚୈତନ୍ୟ ମୂର୍ତ୍ତି

ପୁରୀ ପୂର୍ବ ଭାରତର ଏକ ମନୋରମ ବେଳାଭୂମି। ହେଲେ ଦିନକୁଦିନ ଏହି ବେଳାଭୂମି ପର୍ଯ୍ୟଟକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡୁଛି। କିଛିଦିନ ବ୍ୟବଧାନରେ ସମୁଦ୍ରରେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟୁଛି। ଅସୁରକ୍ଷିତ ସମୁଦ୍ର ସ୍ନାନ ପର୍ଯ୍ୟଟକଙ୍କ ଜୀବନ ନେଉଛି। ତେଣୁ ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ଏ ଦିଗରେ ଯତ୍ନବାନ ହୋଇଛି ଜିଲା ପ୍ରଶାସନ। ପୁରୀ ବେଳାଭୂମି କିପରି ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ସେ ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ପୁରୀ ବେଳାଭୂମିକୁ ସଫେଇ କରାଯାଉଥିଲେ ମଧ କେତେକ ସ୍ଥାନରେ ଅଳିଆ ଆବର୍ଜନା ଜମୁଛି। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ବେଳାଭୂମିକୁ ଭଲ ଭାବେ ସଫେଇ କରିବାକୁ ଆଲୋଚନା କରାଯାଇଥିଲା। ଅସୁରକ୍ଷିତ ସମୁଦ୍ର ସ୍ନାନ ଯୋଗୁ ଅନେକ ସମୟରେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟୁଛି। ତେଣୁ ଏହାକୁ ରୋକିବା ଲାଗି ସଚେତନତାକୁ ବ୍ୟାପକ କରାଯିବ। ବେଳାଭୂମିର ପ୍ରତି ୫୦ ମିଟର ବ୍ୟବଧାନରେ ସଚେତନତାମୂଳକ ଫଳକ ଲଗାଯିବ। ଏ ଦିଗରେ ଅଧିକ ସତର୍କ ରହିବା ପାଇଁ ଲାଇଫ୍‌ଗାର୍ଡଙ୍କୁ ମଧ ପରାମର୍ଶ ଦିଆଯିବ। ସେହିପରି ଚୈତନ୍ୟ ଛକରେ ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ ଚୈତନ୍ୟଙ୍କ ମୂର୍ତ୍ତି ଆସନ୍ତା ଅକ୍ଟୋବର ପ୍ରଥମ ସପ୍ତାହରେ ସେଠାରୁ ସ୍ଥାନାନ୍ତର କରାଯିବ। ତିଆରି ହୋଇଥିବା ପେଣ୍ଡାଲରେ ଚୈତନ୍ୟଙ୍କ ମୂର୍ତ୍ତି ସ୍ଥାପନ କରାଯିବ। ଚୈତନ୍ୟ ଛକରେ ବର୍ତ୍ତମାନ ରାସ୍ତା କାମ ଚାଲିଛି। ଏହାକୁ ମଧ ଅକ୍ଟୋବର ପ୍ରଥମ ସପ୍ତାହ ସୁଦ୍ଧା ସାରିବାକୁ ନିଷ୍ପତ୍ତି ହୋଇଛି।

ସେହିପରି ପ୍ଲାଷ୍ଟିକ ବୋତଲ ଏଣେତେଣେ ପଡୁଛି। ଅକ୍ଟୋବର ୨ରୁ ରାଜ୍ୟ ସରକାର ପଲିଥିନ ବ୍ୟବହାର ନିଷିଦ୍ଧ ଘୋଷଣା କରିଛନ୍ତି। ତେଣୁ ପୁରୀକୁ ମଧ ପ୍ଲାଷ୍ଟିକ ଏବଂ ପଲିଥିନମୁକ୍ତ କରାଯିବ। ଏ ନେଇ ୩ଟି ରିଭର୍ସେବୁଲ ଭେଣ୍ଡିଂ ମେଶିନ ଅଣାଯିବ। ଏକ କମ୍ପାନୀ ଏହି ମେଶିନ ମାଗଣାରେ ଯୋଗାଇଦେବ। ଏହି ମେଶିନରେ ପ୍ଲାଷ୍ଟିକ ବୋତଲ ପକାଇଦେଲେ ତାହାକୁ ସେ ନଷ୍ଟ କରି ଆବର୍ଜନା ଆକାରରେ ବାହାର କରିଦେବ। ଗୋଟିଏ ଦିଗବାରିଣୀ ଛକ, ଗୋଟିଏ ଚୈତନ୍ୟ ଛକ ଏବଂ ଆଉ ଗୋଟିଏ ଶ୍ରୀମନ୍ଦିର ନିକଟରେ ଏହି ମେଶିନ ରଖାଯିବ। ପୂର୍ବରୁ ବେଳାଭୂମିରେ ପର୍ଯ୍ୟଟକଙ୍କ ବସିବା ଲାଗି ତାଳପତ୍ରରେ ତିଆରି ଶେଡ୍ ପଡିଥିଲା। ହେଲେ ଏଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହୋଇଗଲା। ତେଣୁ ପର୍ଯ୍ୟଟକଙ୍କ ବସିବା ଲାଗି ୨୦ଟି ଫାଇବର ଶେଡ୍ କରାଯିବ। ଏଥିସହ ପର୍ଯ୍ୟଟକଙ୍କ ଲାଗି ବେଳାଭୂମିରେ ୬ଟି ଚେଞ୍ଜିଙ୍ଗ ରୁମ୍ (ପୋଷାକ ବଦଳାଇବା ପ୍ରକୋଷ୍ଠ) ତିଆରି କରାଯିବ। ଏହା ତିଆରି ହେବା ପରେ ପୌରପାଳିକାକୁ ହସ୍ତାନ୍ତର କରାଯିବ। ସେମାନେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ। ବେଳାଭୂମିକୁ ଅଧିକ ଆକର୍ଷଣୀୟ କରିବା ଲାଗି ବୃକ୍ଷରୋପଣ କରାଯିବ। କେଉଁଭଳି ଗଛ ଲଗାଇଲେ ତାହା ବଞ୍ଚିପାରିବ ସେ ନେଇ ଡିଏଫ୍‌ଓଙ୍କ ସହ ଆଲୋଚନା ହୋଇଛି।

ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ପିଡିଡିଆରଡିଏ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।